**ସଂକ୍ଷେପରେ**

## ଉଲ୍ଲେଖନୀୟ କାର୍ଯ୍ୟ ଲାଗି ନୀଳଗିରି ଏନ୍ଏସି ପୁରସ୍କୃତ

**ନୀଳଗିରି, ୨୯।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଏହି ଅବସରରେ ରାଜଧାନୀ ଭୁବନେଶ୍ୱର ସ୍ୱସ୍ତିପ୍ରିମିୟମ ପରିସରରେ ଶନିବାର ନଗରଉନ୍ନୟନ ସଚିବ, ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ୫୦ଲକ୍ଷ ଟଙ୍କାର ଡ୍ରାଫ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ୨୦୧୬-୧୭ ଆର୍ଥିକ ବର୍ଷରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅଧିକ ତ୍ୱରାନ୍ୱିତ କରିବା, ୟୁସି ଓ ରାଜସ୍ୱ ଆଦାୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ସେଥିପାଇଁ ସ୍ଥାନୀୟ ଏନଏସିକୁ ପୁରସ୍କୃତ କରିବା ନିମନ୍ତେ ମନୋନୀତ କରାଯାଇଥିଲା।

## ଭାଜପା ସଂଗଠନ ସମ୍ପାଦକଙ୍କ ବସ୍ତାରେ ବୁଥ୍ ସମୀକ୍ଷା

**ବସ୍ତା,୨୯।୧୨(ସ୍ୱ.ପ୍ର):** ସାଧାରଣ ନିର୍ବାଚନ ପାଇଁ ପ୍ରାକ୍ ପ୍ରସ୍ତୁତି ରୂପେ ବୁଥ୍ସ୍ତରୀୟ ଭାଜପା ସଂଗଠନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ସେଥିଲାଗି ଓଡ଼ିଶା ପ୍ରଦେଶ ଭାଜପା ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବସ୍ତା ନିର୍ବାଚନ ମଣ୍ଡଳୀର ବାସ୍ତବ ଚିତ୍ର ସଂଗ୍ରହ କରିଛନ୍ତି। ଏହି ଉଦ୍ଦେଶ୍ୟରେ ବସ୍ତା ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ୪୫ ପଞ୍ଚାୟତର ସଭାପତି, ସମ୍ପାଦକ ତଥା ବୁଥ୍ ପ୍ରଭାରୀମାନଙ୍କୁ ନେଇ ଏକ ବୈଠକ ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ବସ୍ତା ନିର୍ବାଚନ ମଣ୍ଡଳୀ ନେତା ଶ୍ୟାମାପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପର୍ଯ୍ୟବେକ୍ଷକ ମାନସ ମହାନ୍ତି, ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କ ମିଶନ-୧୨୦ ଲକ୍ଷ୍ୟ ପୂରଣ ପାଇଁ ବସ୍ତା ବିଧାନସଭା କ୍ଷେତ୍ରରେ ଭାଜପା ପ୍ରାର୍ଥୀଙ୍କ ବିଜୟଲାଭ ପାଇଁ ବିଭିନ୍ନ ପ୍ରକାର ଗୁଢ଼ମନ୍ତ୍ର ସହ ଦିଶା ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ୨୪୮ ବୁଥର 'ମନ କି ବାତ' କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୩୦ତାରିଖରେ ବୈଠକ ଆୟୋଜନ କରିବାର ନିଷ୍ପତ୍ତି ହୋଇଥିଲା। ଆଗାମୀ ଜାନୁୟାରୀ ୫ରେ ବାରିପଦାରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମରେ ବସ୍ତା ନିର୍ବାଚନମଣ୍ଡଳୀରୁ ୫ହଜାର କର୍ମୀ ଓ ଶୁଭେଚ୍ଛୁ ଯୋଗଦେବାର ସିଦ୍ଧାନ୍ତ ହୋଇଛି।

## ଇଭିଏମ୍, ଭିଭିପାଟ୍ ଉପରେ ଡେମନଷ୍ଟ୍ରେଟରଙ୍କୁ ତାଲିମ

**ବାଲେଶ୍ୱର ଅଫିସ,୨୯।୧୨:** ବାଲେଶ୍ୱର ଜିଲା ପ୍ରକଳ୍ପ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ଆଗାମୀ ସାଧାରଣ ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ୍ ମେଶିନ୍ ଓ ଭିଭିପାଟ୍ ମେଶିନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ଭୋଟର ତଥା ଜନସାଧାରଣଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଡେମନଷ୍ଟ୍ରେଟରଙ୍କର ଜିଲାସ୍ତରୀୟ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ତାଲିମପ୍ରାପ୍ତ ଡେମନଷ୍ଟ୍ରେଟରମାନେ ଜିଲାର ସମସ୍ତ ରାଜସ୍ୱ ଗ୍ରାମ ଗସ୍ତ କରି ଭୋଟରମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ। ଏହା ଆସନ୍ତା ଜାନୁଆରୀ ୭ତାରିଖରୁ ଫେବୃଆରୀ ୧୫ ତାରିଖ ଯାଏଁ ଚାଲିବ। ଏଥିପାଇଁ ସର୍ବମୋଟ୍ ୫୬ଟି ଟିମ୍ ଗଠନ କରାଯାଇଛି । ଏଥିସହିତ ଭୋଟରମାନେ ଏଥିରେ ମକ୍‌ପୋଲ କରି ଏହାର ନିରପେକ୍ଷତା ପରଖିବେ। ଏହି କାର୍ଯ୍ୟକ୍ରମକୁ ଉପ-ଜିଲାପାଳ ନୀଲୁ ମହାପାତ୍ର ପରିଚାଳନା କରିଥିବା ବେଳେ ବୈଷୟିକ ବିଶେଷଜ୍ଞ ଭାବେ ଜିଏମ୍ ଡିଆଇସି ହରିହର ଜେନା, ସହକାରୀ ଜିଲାପାଳ(ନିର୍ବାଚନ) ମନୋଜ କୁମାର ସେନାପତି ଏବଂ ତହସିଲଦାର ନୀଳଗିରି ରାଜେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଜନତା କଳା ପରିଷଦର ବାର୍ଷିକୋତ୍ସବ

**ସୋର,୨୯।୧୨(ଡି.ଏନ୍.ଏ):** ସୋର ମ୍ୟୁନିସପାଲିଟି ଟାଉନ୍ ହଲ୍‌ଠାରେ ଜନତା କଳା ପରିଷଦର ୬୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଶିକ୍ଷାଧିକାରୀ ମିହିର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧକ୍ଷ ଜଗନ୍ନାଥ କୁଅଁର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡ.ଶରତ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଡ. ମହାପାତ୍ର ମିନତି ଭଞ୍ଜ, ଦୂରଦର୍ଶନ ଓ ଆକାଶବାଣୀର କଣ୍ଠଶିଳ୍ପୀ ବନମାଳି ଜେନା, ପୂର୍ବତନ ଶିକ୍ଷକ ଦାମୋଦର ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁଶ୍ରୀ ଧ୍ରୁବଚରଣ ବାରିକ, ନିର୍ମଳାପ୍ରଭା ଦେବୀ, ବିକ୍ରମ କେଶରୀ ମହାନ୍ତି ଏବଂ ଦିବାକର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସହରରୁ ଶୂନ୍ୟ ହେଉଛି ପୋଖରୀ

**ବାଲେଶ୍ୱର ଅଫିସ,୨୯।୧୨**

ବାଲେଶ୍ୱର ସହରରେ ଥିବା ସରକାରୀ ଓ ବେସରକାରୀ ପୋଖରୀ ଦିନକୁ ଦିନ ଲୋପ ପାଇବାକୁ ବସିଛି। ସହରବାସୀ ପୋଖରୀକୁ ପୋତି ଜନବସତି, କୋଠାଘର, ସପିଂମଲ୍ ଏପରିକି ସରକାରୀ ଅଫିସ୍ ମଧ୍ୟ କରିବା ପାଇଁ ପଛାଉ ନାହାନ୍ତି। ସମ୍ବିଧାନରେ ବଞ୍ଚିବାର ଅଧିକାର ଧାରା ୨୧କୁ ଆଧାର କରି ପୋଖରୀ ପୋତିବା ବେଆଇନ୍ ବୋଲି ୨୦୦୧ ମସିହାରେ ମାନ୍ୟବର ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ମଧ୍ୟ ଆଇନ୍‌ରେ ପରିଣତ କରିଛନ୍ତି। ଉକ୍ତ ନିର୍ଦ୍ଦେଶକୁ ବେଖାତିର୍ କରି ଦିନକୁ ଦିନ ପୋଖରୀ ଓ ଜଳାଶୟ ପୋତିବା ବଢ଼ି ଚାଲିଛି। ମଣିଷର ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ସ୍ନେହସାର ପାଇଁ ଜାତୀୟ ପୋଷ୍କୋ ମିଶନ୍ ବନାଯାଉଥିବା ବେଳେ ଦିନ ଥିଲା ଲୋକମାନେ ଗଡ଼ିଆପୋଖରୀରୁ ଚୁନାମାଛ ଧରି ନିଜର ଗୁଜୁରାଣ ମେଣ୍ଟାଇବା ସହ ସ୍ନେହସାର ଶରୀରକୁ ଯୋଗାଉଥିଲେ।


ଏକ ବଡ଼ ପୋଖରୀକୁ ଜେସିବି ମେଶିନ୍ ଦ୍ୱାରା ପୋତା ଯାଉଛି।

ତାହା ଆଜି ସ୍ୱପ୍ନ ହୋଇଛି। ଏହାକୁ ନେଇ ବିଭିନ୍ନ ପରିବେଶବିତ୍‌ମାନଙ୍କ ମଧ୍ୟରେ ଚିନ୍ତାର କାରଣ ବଢ଼ି ଯାଇଛି।

ବାଲେଶ୍ୱର ସହରରେ ଥିବା ବହୁ ଘରୋଇ ଓ ବେସରକାରୀ ପୋଖରୀ ପୋତିବାରେ ଲାଗିଛି। ଷ୍ଟେଶନ ଛକ ସ୍ଥିତ ଭାସ୍କରଗଞ୍ଜ (କ)ରେ ଥିବା ପୋଖରୀ ଉପରେ ୨ରୁ ୩ ତାଲା ବିଶିଷ୍ଟ କୋଠାଘର ନିର୍ମାଣ ହୋଇସାରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଥିବା ଏକ ପୋଖରୀକୁ ପୋତି ୪ତାଲା ବିଶିଷ୍ଟ କୋଠାଘର ନିର୍ମାଣ କରାଯାଇଛି। ଅନ୍ୟପଟେ ଐତିହାସିକ ଗୋଲାପୋଖରୀ, ଗଡ଼ଗଡ଼ିଆଛକ ପୋଖରୀ, ମିର୍ଜା ପୋଖରୀକୁ ପୁନରୁଦ୍ଧାର କରା ନ ଯାଇ ଚାରିପାର୍ଶ୍ୱରୁ ବିଭିନ୍ନ ଅଳିଆ ଆବର୍ଜନା ପକାଇ ପୋତିବାରେ ଲାଗିପଡ଼ିଛନ୍ତି। ଏଥିପ୍ରତି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବାରୁ ଦୋକାନବଜାର ଆଳରେ ପୋଖରୀ ପୋତିବାରେ ମାତିଛନ୍ତି କେତେକ ବ୍ୟକ୍ତି। ଏପରିକି କିଛିଦିନ ପୂର୍ବରୁ ବାଲେଶ୍ୱର ସଦର ତହସିଲ ବାଗ୍ ବୃନ୍ଦାବନ ମୌଜା ୟୁନିଟ୍ ୧୫ ସ୍ଥିତ ଖାତା ନଂ ୬୮ ଏବଂ ପ୍ଲଟ ନଂ ୭୪୦ରେ ୫୯ ଡିସିମିଲ, କିସମ ଜଳାଶୟ (୧) ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଏକ ବିରାଟ ପୋଖରୀକୁ ପୋତିବାରେ ଦେଖିବାକୁ ମିଳିଛି। ଏନେଇ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଅଭିଯୋଗ ହୋଇଛି।

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା**

ଏ ସମ୍ପର୍କରେ ସଦର ତହସିଲଦାର ଦାୟିତ୍ୱରେ ଥିବା ଶତ୍ରୁଘ୍ନ ସେଠୀ କହିଛନ୍ତି ଯେ, ଅଭିଯୋଗ ପାଇବା ପରେ ଆର୍‌ଆଇ (ରୁରାଲ ଇନ୍ସପେକ୍ଟର)ଙ୍କୁ ଘଟଣାସ୍ଥଳକୁ ପଠାଇ କାର୍ଯ୍ୟ ବନ୍ଦ କରାଯାଇଛି। ଆସନ୍ତା ସୋମବାର ସୋ-କଜ୍ ମାଧ୍ୟମରେ ପୋଖରୀ ମାଲିକଙ୍କୁ ଡାକି ପୋଖରୀ ନ ପୋତିବା ପାଇଁ ଲିଖିତ ନିର୍ଦ୍ଦେଶ ଦିଆଯିବ। ଏଥିରେ ଉଲ୍ଲଂଘନ କଲେ ୧୩୩ ସିଆର୍‌ପିସି (କ୍ରିମିନାଲ ପ୍ରୋସିଡିୟର କୋର୍ଡ) ଧାରା ଅନୁସାରେ ମାମଲା ରୁଜୁ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାତୃଭାଷା ସୁରକ୍ଷା ପାଇଁ ସଂଗ୍ରାମ ଜାରି ରହିବ

**ଭୋଗରାଇ,୨୯।୧୨(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତରେ ମା'-ମାଟି-ମାତୃଭାଷା ସୁରକ୍ଷା ନିମନ୍ତେ ଐକ୍ୟବଦ୍ଧ ସଂଗ୍ରାମ ଜାରି ରହିବ। ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଉପାନ୍ତରେ ଲଗାଯାଇଥିବା ବିକୃତ ଓଡ଼ିଆ ହୋଡ଼ିଂ ଖୁବ୍‌ଶୀଘ୍ର ହଟାଇ ଦିଆ ନଗଲେ ସୀମାନ୍ତବାସୀ ଜୋର ଜବରଦସ୍ତ ଏହି ହୋଡ଼ିଂକୁ ଭାଙ୍ଗିଦେବେ ବୋଲି ହୁଗୁଳି ପଞ୍ଚାୟତର ବନ୍ଧୁମିଳନ ଉତ୍ସବରେ ଜିଲା ବିଜେଡି ସାଧାରଣ ସମ୍ପାଦକ ତପନ କୁମାର ପଣ୍ଡା ଶନିବାର ପ୍ରକାଶ କରିଛନ୍ତି। ଓଡ଼ିଶାର ସ୍ୱାଭିମାନ ପାଇଁ ସୀମାନ୍ତବାସୀଙ୍କ ସଂଗ୍ରାମ ୨୦୧୯ରୁ ଲଢେଇକୁ ଅଧିକ କ୍ରିୟାଶୀଳ କରାଯିବ। ଭୋଗରାଇର ଉଦୟପୁର, ତାଳସାରୀ, ବିଚିତ୍ରପୁର, ଖଡ଼ିବିଲ, କୀର୍ତ୍ତନିଆ, ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ୍ ଶିବଲିଙ୍ଗ ଭୁଷଣ୍ଡେଶ୍ୱର ଜୀଉ, ମା' ବାସୁଳୀ ପୀଠକୁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ମଧ୍ୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଠାରେ ଦାବି କରାଯିବ ବୋଲି ଏହି ବନ୍ଧୁମିଳନ ଉତ୍ସବରେ ଆହ୍ୱାନ ଦେଇଥିଲେ। ଖବରଦାତା ସୁଭାଷ ଦାସଙ୍କ ସଞ୍ଚାଳନରେ ସମିତିସଦସ୍ୟା କାମିନି ପ୍ରଧାନ, ଜିଲା ବିଜେଡି ମହିଳା ସାଧାରଣ ସମ୍ପାଦିକା ସୋମା ପ୍ରଧାନ, ସେବାୟତ ଜୟନାରାୟଣ ପଣ୍ଡା, ଯୁବନେତା ଦିଲ୍ଲୀପ କୁମାର ଦାସ, ହରେକୃଷ୍ଣ ଦେ, ନାଏବ ସରପଞ୍ଚ ଗୋବିନ୍ଦ ଦାସ, ଗଣମାଧ୍ୟମ ପ୍ରତିନିଧିମାନେ ଯୁବନେତା ତପନ ପଣ୍ଡାଙ୍କୁ ସୀମାନ୍ତର ଜାଗ୍ରତ ପ୍ରହରୀ କରିବା ସହିତ ହୁଗୁଳି ପଞ୍ଚାୟତ ଉନ୍ନୟନର କାଣ୍ଡାରୀ ବୋଲି ଅଭିମତ ପ୍ରଦାନ କରିଥିଲେ।


ଚନ୍ଦନେଶ୍ୱର ଯାତ୍ରୀ ନିବାସ ବନ୍ଧୁ ମିଳନ ଉତ୍ସବରେ ସୀମାନ୍ତ ସୁରକ୍ଷା ନିମନ୍ତେ ଆହ୍ୱାନ।

# ଦେଶକୁ ରକ୍ଷା କରିବା ଲାଗି ନେଲେ ଶପଥ


ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ।

**ବାଲେଶ୍ୱର ଅଫିସ,୨୯।୧୨**

ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବାଲେଶ୍ୱର କଂଗ୍ରେସ ଭବନ ଠାରେ ଭାରତୀୟ ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ଇଂ. ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶତାଧିକ କଂଗ୍ରେସ, ଯୁବକଂଗ୍ରେସ, ଛାତ୍ରକଂଗ୍ରେସର ନେତୃମଣ୍ଡଳୀ ଯୋଗଦେଇଥିଲେ।

ଜିଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, କୃଷ୍ଣଗୋପାଳ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ଯୁବନେତା ସରୋଜ କୁମାର ଲେଙ୍କା, ସ୍ମାରକ ଦାଶ, ଜିଲା ସମ୍ପାଦକ ରବୀନ୍ଦ୍ର ମହାକୁଡ଼, କିରଣ ମୋହନ ନାୟକ, ବିଜୟ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଜାତୀୟ କଂଗ୍ରେସର ଗାରିମାମୟ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଇଂରେଜମାନଙ୍କ କବଳରୁ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଶହୀଦ ହୋଇଥିବା ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅହିଂସା ଆନ୍ଦୋଳନରେ ଝାସ ଦେଇ ଲକ୍ଷ ଲକ୍ଷ କଂଗ୍ରେସ ଲୋକ ଏ ଦେଶକୁ ସ୍ୱାଧୀନତା ଦେଇଥିବା ବେଳେ କଂଗ୍ରେସ ଦଳ ହିଁ ଏକ ସମୃଦ୍ଧ ଭାରତ ଗଢ଼ି ତୋଳିବା ପାଇଁ ଦଶନ୍ଧି ଧରି କାର୍ଯ୍ୟ କରିଚାଲିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଫାଶୀବାଦୀ ଏବଂ ସାମ୍ପ୍ରଦାୟିକ ଶକ୍ତିମାନଙ୍କ କବଳରୁ ଦେଶକୁ ରକ୍ଷା କରିବା ପାଇଁ ସମସ୍ତ କଂଗ୍ରେସ ଭଉଣୀଭାଇମାନେ ଶପଥ ଗ୍ରହଣ କରିଥିଲେ। ସଭାରେ ଯୁବନେତା ଗୌତମ ସାହୁ, ଜୀବନ ମହାପାତ୍ର, ଶୁଭ ରଞ୍ଜନ ମୁଦୁଲି, ସନ୍ତୋଷ ରାଉତ, ଜ୍ୟୋତିପ୍ରକାଶ ସାହୁ, ସାଗର ମାର୍ଣ୍ଡି, ନବପ୍ରସାଦ ଭୂୟାଁ, ସୁଶାନ୍ତ କୁମାର ଜେନା, ଗୌତମ ମାହାନ୍ତା, ସୁଶାନ୍ତ ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

**ରୂପସା,୨୯।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶନିବାର ଗଡ଼ପଦା ପ୍ରାଥମିକ ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ମାଷ୍ଟର ଟ୍ରେନର ଭାବେ ବାଲେଶ୍ୱର ଧାନ୍ ଫାଉଣ୍ଡେସନ୍ ତରଫରୁ ଦୀପକ କୁମାର ନାୟକ, ପ୍ରଭାତ ରଞ୍ଜନ ପ୍ରଧାନ ଓ ପ୍ରକୃତିପ୍ରେମୀ ରବୀନ୍ଦ୍ର କୁମାର ବେହେରା ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟା ଓ ଭୂକମ୍ପ ସମୟରେ କିଭଳି ନିଜେ ଓ ପୀଡ଼ିତମାନଙ୍କୁ ସୁରକ୍ଷା ଯୋଗାଇ ହେବ ସେ ଦିଗରେ ବିଭିନ୍ନ କୌଶଳର ମାର୍ଗ ଦେଖାଇଥିଲେ।

## ବାର୍ଷିକ ପାଲା ସମ୍ମିଳନୀ ଉଦ୍‌ଘାଟିତ

**ଖଇରା,୨୯।୧୨(ଡି.ଏନ.ଏ.)**

ନିଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦର ବାଲେଶ୍ୱର-ଭଦ୍ରକ ଶାଖାର ୩୮ତମ ବାର୍ଷିକ ପାଲା ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଖଇରାବ୍ଲକ ଅଧୀନ କୁପାରୀ ଅମ୍ବିକା ଆଶ୍ରମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଆଶ୍ରମର ସଞ୍ଚାଳକ ବାବା ଶୁଭେନ୍ଦ୍ର ମୁନୀ ଉଦାସୀନ ଏହାକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ଡଃ ରାଜକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ମଦନମୋହନ ଜେନା ମୁଖ୍ୟଅତିଥି, ଗାୟକ ସାରସ ସୁଦର୍ଶନ ମହାପାତ୍ର ମୁଖ୍ୟବକ୍ତା, ଦୟାନିଧି ମିଶ୍ର ସମ୍ମାନିତ ବକ୍ତା, ଗାୟକ ମର୍ତ୍ତଣ୍ଡ ପ୍ରଫୁଲ୍ଲ ଦାସ, ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ତଥା ଗାୟକ ସୁର ଛୋଟରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉମାକାନ୍ତ ନାଥ, ଚତୁର୍ଭୁଜ ବେହେରା, ସ୍ମିତାରାଣୀ ପଣ୍ଡା, ଗାୟକ ଚରଣ ଲକ୍ଷ୍ମଣଚରଣ ରାଉତ ପ୍ରମୁଖ ପାଲାପରିବେଷଣ କରିଥିଲେ।

■ ଏକଦିବସୀୟ ରଗ୍‌ବି ଫୁଟ୍‌ବଲ ଟୁର୍ନାମେଣ୍ଟ

# ଗୋପାଳପୁର(ବି) ରଗ୍‌ବି ଟିମ୍ ଚାମ୍ପିୟନ

**ବାହାନଗା,୨୯।୧୨(ଡି.ଏନ.ଏ.)**

ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ଅଫିସ୍ ପଡିଆରେ ଏକ ଦିବସୀୟ ରଗ୍‌ବି ଫୁଟବଲ୍ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ତେବେ ଏହି ଖେଳରେ ୯ଟି ଦଳର ମୋଟ ୫୩ ଜଣ ଖେଳାଳି ଭାଗ ନେଇଥିଲେ। ଖେଳରେ ଗୋପାଳପୁର(ଏ) ଗୋପାଳପୁର(ବି) ଦୁଇଟି ଦଳ ଫାଇନାଲକୁ ପ୍ରବେଶ କରିଥିଲେ। ଗୋପାଳପୁର (ଏ) କୁ ଗୋପାଳପୁର(ବି) ୦୧ ଗୋଲରେ


ଖେଳାଳିମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ପରାସ୍ତ କରି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବରେ ଜିଲା ରଗ୍‌ବି ଫୁଟବଲ୍ ଆସୋସିଏସନର ସଭାପତି ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ।

## ଉପେନ୍ଦ୍ରନାଥଙ୍କ ସ୍ମୃତି ସମାରୋହ

**ସୋର,୨୯।୧୨(ଡି.ଏନ୍.ଏ.)**

ଉପେନ୍ଦ୍ରନାଥ ସ୍ମୃତି ପରିଷଦ ତରଫରୁ ସୋର ଶିକ୍ଷକ ଭବନ ପରିସରରେ ଶିକ୍ଷାଗୁରୁ ସ୍ୱର୍ଗତ ଉପେନ୍ଦ୍ରନାଥ ପ୍ରଧାନଙ୍କ ୧୨୫ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସ୍ମୃତି ପରିଷଦ ସଭାପତି ଅଭୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ଫକିରମୋହନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରୋଫେସର ଡ. କୁମରବର ଦାସ ଯୋଗ ଦେଇ ଉପେନ୍ଦ୍ର ପ୍ରଧାନଙ୍କର ଉଦ୍ୟମରେ ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନ ନେଇ ଆଲୋକ ପାତ କରିଥିଲେ । ମୁଖ୍ୟବକ୍ତା ଭାବେ ପରିବେଶବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ରାଧାମୋହନ ଯୋଗଦେଇଥିଲେ। ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ୍ ବାଞ୍ଛାନିଧି ବେହେରାଙ୍କୁ ଉପେନ୍ଦ୍ରନାଥ ସମ୍ମାନିତ କରାଯାଇଥିଲା।

# ଜଳିଗଲା ୧୫ଏକର ଧାନଗଦା


ମହାରାଜପୁର ଗ୍ରାମରେ ଜଳୁଥିବା ଧାନଗଦା।

**ବାହାନଗା,୨୯।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକର ମହାରାଜପୁର ଗ୍ରାମର ସୁରେନ୍ଦ୍ର ବାରିକ ନାମକ ଜଣେ ଚାଷୀଙ୍କ ୧୫ ଏକର ଧାନଗଦାରେ ନିଆଁଲାଗିଯାଇଛି। ଧାନ ଗଦା ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ଏହି ଜମିର ଆନୁମାନିକ ମୂଲ୍ୟ ପ୍ରାୟ ୭ଲକ୍ଷରୁ ଉର୍ଦ୍ଧ୍ୱ। ଖବରପାଇ ବାଲେଶ୍ୱର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି । ରେମୁଣା ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ କୁଳିଗାଁ ଆରାଇ ମଦନମୋହନ ଲେଙ୍କା ତଦନ୍ତ କରିବା ପାଇଁ ଆସିଥିଲେ। ସେହିପରି ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ମହାରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଞ୍ଜନ କୁମାର ଲେଙ୍କା କ୍ଷତିଗ୍ରସ୍ତ ଚାଷୀଙ୍କ ପରିବାରକୁ ସହାୟତା ଲାଗି ପ୍ରଶାସନ ଠାରେ ଦାବି କରିବେ ବୋଲି ଜଣାଇଛନ୍ତି।

## ମା' ଶିରାଦେବୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖଇରା,୨୯।୧୨(ଡି.ଏନ.ଏ.)**

ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳପଡ଼ିଆରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମା' ଶିରାଦେବୀ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ କାଶୀନାଥ ମୁଦୁଲି, ଶିରାଦେବୀ ସ୍ପୋର୍ଟସ ଆସୋସିଏଶନ୍‌ର ସଭାପତି ବିଷ୍ଣୁମୋହନ ମୁଦୁଲୀ ଓ ସମ୍ପାଦକ ଭୀମସେନ ଧାଉଡ଼ିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଡୁଡ଼ିଗଡ଼ିଆର ଏମ୍‌ବିସି କ୍ଲବ ଆଗରପଡ଼ାର ଜେଜେ କ୍ଲବକୁ ୬ ରନ୍‌ରେ ପରାସ୍ତ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ ସୋର ବ୍ଲେଣ୍ଡର ସ୍ମାଇଟ୍ ଗୋପାଳପୁରର ସୁପରଷ୍ଟାର କ୍ରିକେଟ୍ ଟିମ୍‌କୁ ୫୧ ରନ୍‌ରେ ପରାସ୍ତ କରିଥିଲା। ତାପସ ମୁଦୁଲୀ ଓ ରାଜେନ୍ଦ୍ର ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ହିମାଂଶୁ ନନ୍ଦ, ରତିକାନ୍ତ ଦାସ, ଗୋପିନାଥ ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଦ୍ୱିତୀୟ ଦିବସରେ ଔପଦା କଣ୍ଟାପଡ଼ା ଓ ଖଇରା ସୋରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।


ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ କ୍ରିକେଟ୍ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ନିମ୍ନମାନର ସଡ଼କ ନିର୍ମାଣ ନେଇ ଗାଁ ଲୋକଙ୍କ ଅଭିଯୋଗ

**ବାଲେଶ୍ୱର ଅଫିସ,୨୯।୧୨**

ବାଲେଶ୍ୱର ସଦର ବ୍ଲକ ଅଧୀନ ଜୟଦେବକସପା ପଞ୍ଚାୟତର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସଲ୍ଟ ରୋଡ୍ ଠାରୁ ପଦ୍ମପୁର ପଞ୍ଚାୟତ ମଝିକିଆ ରୋଡ୍ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ସଡ଼କ ନିମ୍ନମାନର କାର୍ଯ୍ୟ କରାଯାଇଛି। ଏନେଇ ଗ୍ରାମବାସୀମାନେ ଶନିବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

୨୦୧୮ ମସିହା ମାର୍ଚ୍ଚ ୨୬ ତାରିଖରେ ବିଭାଗୀୟ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ପାଇ ଠିକାଦାର ସୁମନ୍ତ କୁମାର ସ କାର୍ଯ୍ୟ ଆରମ୍ଭ କରିଥିଲେ। ସଲ୍ଟ ରୋଡ୍ ଠାରୁ ମଝିକିଆ ପର୍ଯ୍ୟନ୍ତ ରାସ୍ତାର ଦୈର୍ଘ୍ୟ ୩.୨୫୦ କିଲୋମିଟର, ପ୍ୟାକେଜ୍ (ନଂ ଓଆର୍-୦୨-୩୫୮/ବି-୨), ଅଟକଳ



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ନିମ୍ନମାନର ନିର୍ମାଣ ଅଭିଯୋଗ।

ମୂଲ୍ୟ ୧କୋଟି ୫୨ଲକ୍ଷ ୯୩ହଜାର୨୪୧ ଟଙ୍କାରେ ଆରମ୍ଭ ହୋଇଥିଲା। କିନ୍ତୁ ଗ୍ରାମ ଲୋକଙ୍କ ଅଭିଯୋଗ ମୂଳେ ରାସ୍ତାକଡ଼ରେ ଥିବା ଗୋଚର ଜମିରୁ ମାଟି ଉଠାଇ ପୋଖରୀ ଖୋଳିଦେବା ସହ ୫ଶହରୁ ଉର୍ଦ୍ଧ୍ୱ ଗଛ ନଷ୍ଟ କରିଛନ୍ତି। ସେହିପରି ଉକ୍ତ ରାସ୍ତାଟି ପୂର୍ବରୁ ପିଚୁ ରାସ୍ତା ଥିଲା। ମେଶିନ୍ ଯୋଗେ ଏହାକୁ ଖୋଳାଯାଇ ସେଥିରୁ ବାହାରୁଥିବା ମେଟାଲ ଏବଂ ପିଚୁଖଣ୍ଡ ଉପରେ ରାସ୍ତା ନିର୍ମାଣ କରିବା, ରାସ୍ତାର ପାର୍ଶ୍ୱରାସ୍ତାଗୁଡ଼ିକୁ ଅତି ନିମ୍ନମାନରେ ତିଆରି କରିବା ଭଳି କାର୍ଯ୍ୟକୁ ଗ୍ରାମଲୋକମାନେ ବାରମ୍ବାର ବିରୋଧ କରିବା ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନ ଥିଲେ। ଏହାର ପ୍ରତିବାଦରେ ଉକ୍ତ ପଞ୍ଚାୟତର ଲୋକମାନେ ଆସନ୍ତା ଜାନୁୟାରୀ ୧୫ ତାରିଖ ଠାରୁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେବା ପୂର୍ବତନ

**ଜାନୁୟାରୀ ୧୫ରେ ଧାରଣା ନିଷ୍ପତ୍ତି**

ସଦର ବ୍ଲକ ଉପସଭାପତି ଅଜୟ ସାମଲ, ଗ୍ରାମବାସୀ ଉମେଶ ଚନ୍ଦ୍ର ପାତ୍ର, ସଞ୍ଜୟ ଦାସ, ଗୁରୁବା ସିଂ, ବୁଧିଆ ସିଂ, ନିରଞ୍ଜନ ବାରିକ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଗ୍ରାମ୍ୟଉନ୍ନୟନ ବିଭାଗର ଉପବିଭାଜନ ଅଧିକାରୀ (ଏସଡିଓ)ଅଶ୍ୱିନୀ କୁମାର ଦଣ୍ଡପାଟ କହିଛନ୍ତି ଯେ, ସଲ୍ଟ ରୋଡ୍ ଠାରୁ ମଝିକିଆ ପର୍ଯ୍ୟନ୍ତ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ସଡ଼କ ପୁନରୁଦ୍ଧାର କାର୍ଯ୍ୟ। ଏଷ୍ଟିମେଟ୍ ଅନୁସାରେ କାର୍ଯ୍ୟ କରାଯାଉଛି। କୌଣସି କାର୍ଯ୍ୟରେ ନିମ୍ନମାନର କରାଯାଇନାହିଁ। ଆବଶ୍ୟକ ପଡ଼ିଲେ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୫ ଫୁଟର ନାଗ ଉଦ୍ଧାର



**ଧାମନଗର, ୨୯।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ମେଡିକାଲ ନିକଟରୁ ୫ ଫୁଟର ଏକ ନାଗ ଶନିବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ଦୁଇ ଯୁବକ ସାପକୁ କାବୁ କରି ଭଦ୍ରକର ସାପଧରାଳି ସେକ୍ ମିର୍ଜାଙ୍କୁ ଖବର ଦେଇଥିଲେ। ସେକ୍ ମିର୍ଜା ପହଞ୍ଚି ସାପକୁ ଉଦ୍ଧାର କରି ନେଇଯାଇଥିଲେ। ଧାମନଗର ବ୍ଲକରେ ବିଭିନ୍ନ ସ୍ଥାନରୁ ବହୁସଂଖ୍ୟାରେ ନାଗ ଉଦ୍ଧାର ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଅସୁରାଳି ଅଞ୍ଚଳରୁ ଶନିବାର ଏତେ ବଡ଼ ନାଗ ଉଦ୍ଧାର ହୋଇଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

### ବିରସ ସମବାୟ ସମିତିରେ ଧାନକିଣା

**ପଦ୍ମପୁର, ୨୯।୧୨ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବିରସ ସେବା ସମବାୟ ସମିତିରେ ଧାନକିଣା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୬ ଚାଷୀଙ୍କଠାରୁ ୪୮୮ କୁଇଣ୍ଟାଲ ଧାନ କିଣାଯାଇଛି। ସମିତିରେ ୬ଟି ପଞ୍ଚାୟତର ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବାବେଳେ ୭୦ ହଜାର ୫୦୦ କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସମିତିରୁ ଧାନ କିଣିବା ଲାଗି ଦୁର୍ଗା ରାଇସ ମିଲ୍ ଓ ସିମ୍ଫଲ ରାଇସ ମିଲ୍‌କୁ ଦାୟିତ୍ୱ ଦିଆଯାଇଛି। ସମିତି ନିର୍ଦ୍ଦେଶକ ନିରଞ୍ଜନ ଦାସ, ସଭାପତି ଆଦିତ୍ୟ କୁମାର ଗିରି, ସମ୍ପାଦକ ରତିକାନ୍ତ ରାଉତ, ସରପଞ୍ଚ ଦୟାନିଧି ଦାସ, ସଭ୍ୟ ସଞ୍ଜୀବ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍କୁଲ ପରିସର ସଫେଇ

**ଭଣ୍ଡାରିପୋଖରୀ, ୨୯।୧୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠଠାରେ ୧୯୮୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍କୁଲ ପରିସର ସଫେଇ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ଅନାବନା ଗଛଗୁଡ଼ିକୁ ସେମାନେ ଜେସିବି ସାହାଯ୍ୟରେ ସଫା କରିଥିଲେ। ଏହି ଅବସରରେ ମଞ୍ଜୁରିରୋଡ ପୋଷ୍ଟଅଫିସଠାରୁ ସ୍ୱଚ୍ଛତା ଓ ସଚେତନତା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ବ୍ୟାଚ୍‌ର ଛାତ୍ରୀ ଅନସୂୟା ଜେନା, ସେବତୀ ପଣ୍ଡା, ଛାତ୍ର ଇଂ. ସୁଧାକର ନାୟକ, ଅଶୋକ ଜେନା, ତରଣୀସେନ ପଣ୍ଡା, ମହେଶ୍ୱର ବେହେରା, ନିରାକାର ଜେନା ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ।

### ରହଣିଆ ସେବା ସମବାୟ ସମିତିର ସାଧାରଣ ବୈଠକ

**ଭଣ୍ଡାରିପୋଖରୀ, ୨୯।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ସେବା ସମବାୟ ସମିତିର ୫୧ତମ ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରଞ୍ଜନ କୁମାର ବେହୁରିଆ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଭଣ୍ଡାରିପୋଖରୀ ଶାଖା ପରିଚାଳକ ନିର୍ମଳ ଚନ୍ଦ୍ର ସେଠୀ, ଉପସହକାରୀ ନିବନ୍ଧକ ନିରଞ୍ଜନ ମାଝୀ, ସରପଞ୍ଚ ଅଲିଭା ନାୟକ, ରଥ ଦାସ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଯୋଗଦେଇ କୃଷକଙ୍କ ସମବାୟ ପ୍ରତି ଭୂମିକା, କୃଷି ସମ୍ବନ୍ଧିତ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋର୍ଡ ସଦସ୍ୟ ଚିନ୍ତାମଣି ସେନାପତି, ପ୍ରଫୁଲ୍ଲ ଜେନା, ନରୋତ୍ତମ ରାଉତ, ସିଦ୍ଧନାଥ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରହଣିଆ ସମବାୟ ସମିତି ପ୍ରତିଷ୍ଠା ପାଇଁ ଜାଗା ଦେଇଥିବା ଚାଷୀ କୀର୍ତ୍ତନ ଚରଣ ରାଉତଙ୍କୁ ଅଧିକାରୀମାନେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ୨୬ ମହିଳା ଚାଷୀଙ୍କୁ ସମିତି ପକ୍ଷରୁ ମୋବାଇଲ ପ୍ରଦାନ କରାଯାଇଥିଲା। ସମ୍ପାଦକ ସନ୍ତୋଷ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁବାସ ପାତ୍ର, ନିରଞ୍ଜନ କୁଅଁର, ସୁଦର୍ଶନ ସାମଲ, ହୁରେନ୍ଦ୍ର ଜେନା, ନୀଳମଣି ସାମଲ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।

# 'ବିଜେଡିର ମା'ଙ୍କୁ ସମ୍ମାନ ସ୍ଲୋଗାନ ଏକ ପ୍ରହସନ'

**ଭଦ୍ରକ ଅଫିସ, ୨୯।୧୨**



ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ (ବାମରୁ ଦ୍ୱିତୀୟ) ଓ ଅନ୍ୟମାନେ।

ରାଜ୍ୟରେ ଶାସନ ଗାଦିରେ ଥିବା ବିଜେଡିର ମା'ଙ୍କୁ ସମ୍ମାନ ସ୍ଲୋଗାନ ଏକ ପ୍ରହସନ। ବିଗତ ୧୮ ବର୍ଷର ବିଜେଡି ଶାସନ କାଳ ମଧ୍ୟରେ ରାଜ୍ୟରେ ନାରୀ ନିର୍ଯାତନା ଓ ବଳାତ୍କାର ଘଟଣା ବଢ଼ିବାରେ ଲାଗିଛି। ଏହା କ'ଣ ବାସ୍ତବରେ ବିଜେଡି ସରକାରର ମାତୃ ଜାତିକୁ ସମ୍ମାନ ବୋଲି ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ କଂଗ୍ରେସର ମହିଳା ସମ୍ମାନ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କଟାକ୍ଷ କରିଛନ୍ତି। ଜିଲା ମହିଳା କଂଗ୍ରେସ ସଭାପତି ସବିତା ଚନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ପିସିସି ମୁଖ୍ୟ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇ ରାଜ୍ୟ ସରକାର ବାଃ ବାଃ ନେବାକୁ ଉଦ୍ୟମ କରୁଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ମହିଳାଙ୍କ ସମ୍ମାନକୁ ସୁରକ୍ଷିତ ରଖାଯିବା ସହ ସେମାନଙ୍କ ଭତ୍ତା ୧ ହଜାର ଟଙ୍କାକୁ ବୃଦ୍ଧି କରାଯିବ।

ମହିଳା କଂଗ୍ରେସର ରାଜ୍ୟ ସଭାନେତ୍ରୀ ସୁମିତ୍ରା ଜେନା, ଉପସଭାପତି ବନ୍ଦିତା ପରିଡ଼ା, ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଉପକୂଳ ପ୍ରଭାରୀ ରୁଦ୍ର ରାଜୁ, ପିସିସି ଉପସଭାପତି ଅନନ୍ତ ସେଠୀ, ରାଜ୍ୟ ମିଡିଆ ସଂଯୋଜକ ସତ୍ୟପ୍ରକାଶ ନାୟକ, ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ମଞ୍ଜୁଲତା ନାୟକ, ସୁଜାତା ଜେନା, ରାଜ୍ୟ ସମ୍ପାଦିକା ସୁଲୋଚନା ନାୟକ, ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତ, ପୂର୍ବତନ ଏମ୍‌ପି ମୁରଲୀ ଜେନା, ପୂର୍ବତନ ବିଧାୟକ ନରେନ ପଲାଇ, କୁମାର ଚିରଞ୍ଜୀବ, ପଞ୍ଚାନନ ମଣ୍ଡଳ ପ୍ରମୁଖ ଚାଷୀଙ୍କ ଋଣଛାଡ଼ ସମେତ ସମସ୍ତ ଚାଷୀଙ୍କୁ ସୋଲାର ପମ୍ପ ଯୋଗାଇ ଦେବାକୁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ଦେବରୂପ ମହାନ୍ତି, ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ନିର୍ବାଚନ ମଣ୍ଡଳୀସ୍ତରୀୟ ନେତା ସୁବ୍ରତ ଦାସ, ଜିଲା ମିଡିଆ ସଂଯୋଜକ ଅତିଶ ଦାସ, ଜିଲା ଉପସଭାପତି ଦିଲୀପ ନାୟକ, ଧବଳେଶ୍ୱର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସଭାପତି ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## '୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଅ'

**ପଦ୍ମପୁର, ୨୯।୧୨ (ଡି.ଏନ.ଏ.)**

- ସାବରଙ୍ଗ ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ ପ୍ରସଙ୍ଗ
- ବେଆଇନ ଅଭିଯୋଗ କରିଥିଲେ ସଭାପତି
- ସାନି ଚିଠି ଲେଖିଲେ ଏଆର୍‌ସିଏସ୍

ମିଲର ଧାନ ଫେରାଇ ଦେବାରୁ ଚାଷୀ ହରମୋହନ ବାରିକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ଭଦ୍ରକ ବ୍ଲକ ସାବରଙ୍ଗ ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିଲା। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ଦର୍ଶାଇ ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର ଜିଲାପାଳଙ୍କ ଚିଠି ସଂଖ୍ୟା ୭୪୧୩ ତା ୨୨।୧୨।୧୮ ରିଖ ଅନୁଯାୟୀ ନିଲମ୍ବନ କରିଥିଲେ। ସମବାୟ ସମିତି ସଭାପତି ଭ୍ରମରବର ନାୟକ ଏହା ବେଆଇନ ଅଭିଯୋଗ କରିଥିଲେ। ସମିତି ଆଇନ ଅନୁସାରେ ବୋର୍ଡର ସମ୍ପାଦକଙ୍କୁ ନିଲମ୍ବନ କରିବା କିମ୍ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ରହିଛି ବୋଲି ସେ ଦର୍ଶାଇଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଏଆର୍‌ସିଏସ୍ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୧୨୯ ତା ୨୭।୧୨।୧୮ ରିଖରେ ସମବାୟ ସମିତି ସଭାପତିଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସମ୍ପାଦକ ଚକ୍ରଧର ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷେ ଚିଠି କରାଯିବାର ୨ ଦିନ ବିତିଯାଇଥିଲେ ମଧ୍ୟ ସମ୍ପାଦକ ଏବେ ବି କାର୍ଯ୍ୟାଳୟକୁ ଆସୁଥିବା ଜାଣିବାକୁ ମିଳିଛି। ଏ ସମ୍ପର୍କରେ ସମିତି ସଭାପତି ନାୟକ କହିଛନ୍ତି, ଏଆର୍‌ସିଏସ୍‌ଙ୍କ ଚିଠି ସେ ପାଇଛନ୍ତି। ବୋର୍ଡ ସଭା ପରେ ନିଲମ୍ବନ ନେଇ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

### ବ୍ରାହ୍ମଣ ମହାସଭା ବୈଠକ
## ରାଜେନ୍ଦ୍ରପୁର ପଞ୍ଚାୟତ କମିଟି ଗଠିତ

**ଭଣ୍ଡାରିପୋଖରୀ, ୨୯।୧୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଗ୍ରାମର ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ମହାସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋକୁଳାନନ୍ଦ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସମ୍ପାଦକ ଅନନ୍ତ କିଶୋର ତ୍ରିପାଠୀ ଓ ବ୍ଲକ ସଭାପତି ଜଗନ୍ନାଥ ପଣ୍ଡା ଯୋଗଦେଇ ବ୍ରାହ୍ମଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପୂର୍ବତନ ବ୍ଲକ ସଭାପତି ଅଭିରାମ ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରାର୍ଥନା କରାଯାଇଥିଲା। ଦିଲୀପ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ରାହ୍ମଣ ସମାଜର ଉନ୍ନତି ସକାଶେ ଆସନ୍ତା ଜାନୁୟାରୀରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଭୁବନେଶ୍ୱର ରାଲିରେ ଯୋଗଦେବାକୁ ଜିଲା ସମ୍ପାଦକ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ମହାସଭାର ରାଜେନ୍ଦ୍ରପୁର ପଞ୍ଚାୟତ କମିଟି ଗଠନ କରାଯାଇଥିଲା। ଚନ୍ଦ୍ରଶେଖର ପଣ୍ଡା କମିଟି ସଭାପତି, ଗୋବର୍ଦ୍ଧନ ପଣ୍ଡା ସମ୍ପାଦକ, ଗଦାଧର ପଣ୍ଡା ସହସମ୍ପାଦକ, ସୁବାସ ପଣ୍ଡା ଉପସଭାପତି ଓ ରଙ୍ଗାଧର ପତି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ।

■ ୧୪ଶହ ବସ୍ତା ଚାଉଳ ହେର୍‌ଫେର ଘଟଣା

## ବନ୍ତ ଚାଉଳ ଗୋଦାମ ଯାଞ୍ଚ

**ବନ୍ତ, ୨୯।୧୨ (ଡି.ଏନ୍.ଏ.)**



ଭିଜିଲାନ୍ସ ଅଧିକାରୀମାନେ ବନ୍ତ ଚାଉଳ ଗୋଦାମରେ ଯାଞ୍ଚ କରୁଛନ୍ତି।

ଭଦ୍ରକ ଜିଲା ବନ୍ତ ଚାଉଳ ଗୋଦାମରେ ୧୪ ଶହ ବସ୍ତା ଚାଉଳ ହେର୍‌ଫେର ଘଟଣା ପଦାକୁ ଆସିଥିଲା। ଗତ ୨୬ ତାରିଖରେ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଜିଲା ସ୍ୱତନ୍ତ୍ର ସ୍କ୍ୱାଡ ଗୋଦାମ ଯାଞ୍ଚ କରିଥିଲେ। ଶନିବାର ଯୋଗାଣ ବିଭାଗର ରାଜ୍ୟ ଭିଜିଲାନ୍ସ ଟିମ୍ ଆସି ଗୋଦାମ ଯାଞ୍ଚ କରି ଫେରିଯାଇଛନ୍ତି। ଉକ୍ତ ଗୋଦାମରେ ଚାଉଳ ଠିକ୍ ରହିଛି କି ନାହିଁ ସେ ସମ୍ପର୍କରେ ରାଜ୍ୟ ଟିମ୍ ଅଧିକାରୀଙ୍କୁ ପଚାରିବାରୁ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ। ଏହି ଯାଞ୍ଚ ଦୈନନ୍ଦିନ କାର୍ଯ୍ୟ ବୋଲି ଅଧିକାରୀମାନେ କହିଥିଲେ। ଯାଞ୍ଚ ବେଳେ ସହକାରୀ ଜିଲା ଯୋଗାଣ ଅଧିକାରୀ କେଦାରନାଥ ନାୟକ ଓ ବନ୍ତ ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ୧୪ ଶହ ବସ୍ତା ଚାଉଳ ହେର୍‌ଫେର ନେଇ ପ୍ରଶାସନିକ ତଦନ୍ତ ଜାରି ରହିଛି।

## 'ଅତୀତର ସ୍ମୃତିକୁ ଭୁଲି ହୁଏନା'

**ତିହିଡ଼ି, ୨୯।୧୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ଦୋଳସାହି ରାମନାରାୟଣ ହାଇସ୍କୁଲର ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପୂର୍ବତନ ସିଆର୍‌ସିସି ମାୟାଧର ସାହୁ ପୌରୋହିତ୍ୟ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ଖଗେଶ୍ୱର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅତୀତର ସ୍ମୃତିକୁ ଭୁଲି ହୁଏନା ବୋଲି କହିଥିଲେ। ପ୍ରିୟରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଓ ନରେନ୍ଦ୍ର ପଶୁପାଳକ ଧନ୍ୟବାଦ ଅର୍ପଣ କରିଥିଲେ। କରୁଣାକର ସେନାପତି, ଅଶୋକ କୁମାର ସାହୁ, ଦମୟନ୍ତୀ ବାରିକ, ଅଜୟ କୁମାର ପାଢ଼ୀ, ରାଜେନ୍ଦ୍ର ଜେନା, କମଳା ଗ୍ରହାଚାର୍ଯ୍ୟ, ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଛତିଶଗଡ଼ ଫରେଷ୍ଟ ଫାଇନାଲରେ

**ଭଦ୍ରକ ଅଫିସ, ୨୯।୧୨**

ଭଦ୍ରକ ଜିଲା ଚରମ୍ପା ଯୁବକ ସଂଘ ଆନୁକୂଲ୍ୟରେ ସଞ୍ଜୀବ ଜୁଏଲ୍‌ସ ପ୍ରାୟୋଜିତ ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟର ଶନିବାର ଥିଲା ୬ଷ୍ଠ ଦିବସ। ଏହି ମ୍ୟାଚ୍‌ରେ ଛତିଶଗଡ଼ ଫରେଷ୍ଟ ଯାଜପୁର ଏମ୍‌ସିସିକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ପ୍ରଥମେ ଛତିଶଗଡ଼ ଫରେଷ୍ଟ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୩୧୨ ରନ୍ କରିଥିଲା। ଏମ୍‌ସିସି ଯାଜପୁର ୨୬ ଓଭରରେ ୨୨୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଛତିଶଗଡ଼ ଫରେଷ୍ଟର ସୁଧୀର ସିଂଙ୍କୁ 'ମ୍ୟାନ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଲଲାଟକେଶରୀ ନନ୍ଦ ଓ ସୁବ୍ରତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ନୁର ମହମ୍ମଦ ଖାନ ତୃତୀୟ ଅମ୍ପାୟାର, ଗଗନ ରାଉତ ଏବଂ ଅରୁଣ ନାୟକ ରେଫରୀ, ଆଲୋକ ପରିଡ଼ା ସ୍କୋରର ଦାୟିତ୍ୱ ତୁଲାଇଥିଲେ।

■ ନିମପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ମନୋହରପୁର ଟିମ୍

**ବନ୍ତ, ୨୯।୧୨(ସ୍ୱ.ପ୍ର.)**

ବନ୍ତ ବ୍ଲକ କପାଳିକ୍ଷେତ୍ର ନିମପଡ଼ାଠାରେ ରୟାଲ ନାଇଡୁ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ସରପଞ୍ଚ ବିଜୟ କୁମାର ବିଶ୍ୱାଳ, ରାଷ୍ଟ୍ରୀୟ ଉପଭୋକ୍ତା ସମିତିର ରାଜ୍ୟ ଅଧ୍ୟକ୍ଷ ପତଞ୍ଜଳି କରଶର୍ମା, କ୍ରୀଡ଼ାବିତ୍ ଭବାନୀ ବିଶ୍ୱାଳ, ଖବରଦାତା ସନାତନ ରାଉତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବୋଡ଼କ ମହାଜୀବୀ ଓ ଅଁରା ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଅଁରା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୨୨ ରନ୍ କରିଥିଲା। ବୋଡ଼କ ମହାଜୀବୀ ୮୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ମଙ୍ଗୁଲି ବନାମ ରଣପଦା ମଧ୍ୟରେ ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରଣପଦା ୮ ଓଭରରେ ୫ ଉଇକେଟ ବିନିମୟରେ ୮୬ ରନ୍ କରିଥିଲା। ମଙ୍ଗୁଲି ୮ ଓଭରରେ ୩ ଉଇକେଟ ହରାଇ ୮୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ମନୋହରପୁର ୪ ରନ୍‌ରେ ବନ୍ତକୁ ହରାଇଥିଲା। ମନୋହରପୁର ବନାମ ଅଁରା ମଧ୍ୟରେ ପ୍ରଥମ ସେମିଫଇନାଲ ମ୍ୟାଚ୍ ହୋଇଥିଲା। ଅଁରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୦୦ ରନ୍ କରିଥିବା ବେଳେ ମନୋହରପୁର ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମନୋହରପୁର ଟିମ୍ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟର ଭାବେ ଯୁଗଳ କିଶୋର ବିଶ୍ୱାଳ, ବଳରାମ ପତି, ସନତ ବିଶ୍ୱାଳ ଓ ପ୍ରତ୍ୟୁଷ ବିଶ୍ୱାଳ, ସ୍କୋର ବୋର୍ଡରେ ଚନ୍ଦ୍ରକାନ୍ତ ବିଶ୍ୱାଳ, ରଞ୍ଜନ ରାଉଳ ଦାୟିତ୍ୱ ତୁଲାଇଥିଲେ। ଗୋପାଳ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଭାଜପାର ବନ୍ଧୁମିଳନ

**ବନ୍ତ, ୨୯।୧୨ (ଡି.ଏନ.ଏ.)**

ବନ୍ତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଭାଜପା ପକ୍ଷରୁ ବନ୍ଧୁମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ ଯୋଗଦେଇ ନୂତନ ବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବାମଦେବ ଦାସ, ଜିଲା କାର୍ଯ୍ୟକର୍ତ୍ତା ସୁଧାକର ଧଳ, ସୁକାନ୍ତ ବେହେରା, ଲକ୍ଷ୍ମୀ କର, ମୁରଲୀଧର ଓଝା ପ୍ରମୁଖ ଯୋଗ ଦେଇଥିଲେ।

### ଶୀତବସ୍ତ୍ର ପ୍ରଦାନ

**ଭଣ୍ଡାରିପୋଖରୀ, ୨୯।୧୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅସହାୟ ବୃଦ୍ଧା, ବୃଦ୍ଧ, ବିକଳାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଅଗ୍ରେସନ ସଙ୍ଗଠନ ପକ୍ଷରୁ ସଭାପତି ସୁରେଶ ଫୋଗଲା, ରଜନୀକାନ୍ତ ଚନ୍ଦ, ମନୋରଞ୍ଜନ ନାୟକ, ରବିନ୍ଦ୍ର ମିଶ୍ର ପ୍ରମୁଖ ୭୦ ଜଣଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



ଲାଲା



ଶ୍ରୀକାନ୍ତ



ମାନିକ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ସରମରା ସମବାୟ ସମିତିର ସାଧାରଣ ବୈଠକ

## ୨୭ ମହିଳା ଚାଷୀଙ୍କୁ ମିଳିଲା ମୋବାଇଲ

**ବନ୍ତ, ୨୯।୧୨ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ା କୋଅପରେଟିଭ ବ୍ୟାଙ୍କ ଅଧୀନ ସରମରା ସେବା ସମବାୟ ସମିତିରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୭ ମହିଳା ଚାଷୀଙ୍କୁ ସମବାୟ ସମିତି ପକ୍ଷରୁ ମୋବାଇଲ ବଣ୍ଟନ କରାଯାଇଥିଲା। ସମିତି ସଭାପତି ଶଶୀକାନ୍ତ ଜେନା ବୈଠକରେ ସଭାପତିତ୍ୱ କରିଥିଲେ। ଆଗରପଡ଼ା କୋଅପରେଟିଭ ବ୍ୟାଙ୍କ ଶାଖା ପ୍ରବନ୍ଧକ ସୁଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ସରପଞ୍ଚ କିଶୋର କିଙ୍କର ପଢିଆରୀ ଯୋଗଦେଇ ସମିତିର ସୁପରିଚାଳନା ପାଇଁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ପାଦକ ନିତ୍ୟାନନ୍ଦ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଗତବର୍ଷ ଅପେକ୍ଷା ଚଳିତବର୍ଷ ସମିତି ଲାଭାଂଶ ବଢିଥିବା ସେ ପ୍ରକାଶ କରିଥିଲେ। ବୋର୍ଡ ସଦସ୍ୟ ଦୈତାରୀ ମହାନ୍ତି, ହୃଷୀକେଶ ମଲ୍ଲିକ, ଦାଶରଥୀ ସେଠୀ, ସତ୍ୟଭାମା ସେଠୀ, ଛବିନ୍ଦ୍ର ବିଶ୍ୱାଳ, ସମିତି କର୍ମଚାରୀ ଦୀପେନ୍ଦ୍ର ପ୍ରଧାନ, ମାନସ ଜେନା ସହଯୋଗ କରିଥିଲେ। ସମିତି ଅଧୀନ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ବୈଠକରେ ଯୋଗ ଦେଇଥିଲେ।

## ଗାଁରେ ତିଆରି ହେବ ସାନିଟାରି ନାପ୍‌କିନ୍

**ଭଦ୍ରକ ଅଫିସ, ୨୯।୧୨**



ଖବରଦାତା ସମ୍ମିଳନୀରେ ମ୍ୟାନେଜର କାର୍ତ୍ତିକ ଚନ୍ଦ୍ର ଜେନା (ମଝି) ଓ ଅନ୍ୟମାନେ।

ଏଣିକି ଗାଁ ଲୋକେ କିଣିବେନି ସହର ତିଆରି ସାନିଟାରି ନାପ୍‌କିନ୍। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପେଟ୍ରୋଲିୟମ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ପ୍ରୟାସରେ ଜନ ସେବାକେନ୍ଦ୍ରଗୁଡ଼ିକରେ ନିଜ ଆଖପାଖ ଗାଁରେ ତିଆରି ସାନିଟାରି ନାପ୍‌କିନ୍ ବିକ୍ରି କରାଯିବ। ଆସନ୍ତା ରବିବାର ଉଜ୍ଜ୍ୱଳା ନାପ୍‌କିନ୍ କେନ୍ଦ୍ରର ଶୁଭାରମ୍ଭ ହେବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ କେନ୍ଦ୍ରକୁ ଭିଡିଓ କନଫରେନ୍ସି ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ଶହେଟି ନାପକିନ୍ କେନ୍ଦ୍ର ଉଦ୍‌ଘାଟିତ ହେବାକୁ ଯାଉଥିବା ବେଳେ ଭଦ୍ରକ ଜିଲାରେ ୩ଟି କେନ୍ଦ୍ର ରବିବାର ଉଦ୍‌ଘାଟନ କରାଯିବ। ଧାମନଗର ବ୍ଲକର ଧୁଷୁରୀ, ଭଣ୍ଡାରିପୋଖରୀର ପାରୁଳି ଓ ଚାନ୍ଦବାଲିର ତୋଟାପଡାଠାରେ ଏହି କେନ୍ଦ୍ର ଉଦ୍‌ଘାଟିତ ହେବ ବୋଲି ଓରିଏନ୍ ହୋଟେଲ ପରିସରରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବଜାରଠାରୁ କମ୍ ଦର ସହ ଏହାର ଅଧିକ ଗୁଣବତ୍ତା ରହିବ ବୋଲି ଭଦ୍ରକ ଉଜ୍ଜ୍ୱଳା ଯୋଜନାର ସିନିୟର ମ୍ୟାନେଜର କାର୍ତ୍ତିକ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ଏହା ମାଟିରେ ଶୀଘ୍ର ମିଶିବ, ହାଇଜିନିକ ହୋଇଥିବାରୁ ଲୋକାଦୃତ ହୋଇପାରିବ ବୋଲି କମ୍ପାନୀ ଆଶା ରଖିଛି। ଭଦ୍ରକ ଉଜ୍ଜ୍ୱଳା ଯୋଜନା ଦାୟିତ୍ୱରେ ଥିବା ରାଜେଶ ଦେବତା ଓ ଜନ ସେବାକେନ୍ଦ୍ର ଦାୟିତ୍ୱରେ ଥିବା ମୁରଲୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୫ ଗିରଫ

**ଖୁଣ୍ଟା,୨୯।୧୨ ( ଡି.ଏନ.ଏ.):** ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ମୋଟ ୬୬ ଲିଟର ମହୁଲି ମଦ ସମେତ ଗୋଟିଏ ବାଇକ୍ ଜବତ ହୋଇଛି । ଏଥିରେ ସମ୍ପୃକ୍ତି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଚନ୍ଦ୍ର ହେମ୍ବ୍ରମ , ପଦ୍ମଲୋଚନ ଟୁଡୁ , ସଚି ନାଏକ , ନାରାୟଣ ମୁର୍ମୁ ଓ ସାବନ ମାଝି। ଜଣେ ବ୍ୟକ୍ତି ଏକ ବାଇକ୍ ଯୋଗେ ମହୁଲି ମଦ ଚାଲାଣ କରୁଥିବା ବେଳେ ଅବକାରୀ କର୍ମଚାରୀ ତାଙ୍କୁ ପଚରାଉଚରା କରିଥିଲେ। ପରେ ସେ ବାଇକ୍ ଛାଡ଼ି ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିବାବେଳେ ଉକ୍ତ ବାଇକରେ ଥିବା ମହୁଲି ମଦ ସମେତ ବାଇକ୍‌ଟିକୁ ଜବତ କରାଯାଇଛି ।

### ଜଳିଗଲା କୁକୁଡ଼ା ଫାର୍ମ

**ରାସଗୋବିନ୍ଦପୁର,୨୯।୧୨ (ଡି.ଏନ.ଏ):** ରାସଗୋବିନ୍ଦପୁର ବ୍ଲକ ଛାତନା ପଞ୍ଚାୟତରେ ଥିବା ଭେନକୋ ରିସର୍ଚ୍ଚ ଆଣ୍ଡ ବ୍ରିଡିଂ ଫାର୍ମରେ ଶନିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଫାର୍ମରେ ଥିବା ବହୁ କୁକୁଡ଼ା ଛୁଆ ପୋଡ଼ି ନଷ୍ଟ ହେବା ସହିତ ମୂଲ୍ୟବାନ ମେଶିନ ଏବଂ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଗୁଡ଼ିକ ପୋଡ଼ି ଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଖବର ପାଇ ରାସଗୋବିନ୍ଦପୁର ଏବଂ ଚିତ୍ରଡ଼ା ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଫାର୍ମରେ କାମ କରୁଥିବା ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୁଶୀଲ ବାରିକ ଏବଂ ରଞ୍ଜନ ବେହେରା। ଆହତମାନଙ୍କୁ ଚିକିତ୍ସା ପାଇଁ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ରାସଗୋବିନ୍ଦପୁର ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଏନଏସ୍‌ଏସ୍ ଶିବିର ଉଦ୍‌ଯାପିତ




**ବାଙ୍ଗିରିପୋଷି, ୨୯।୧୨ (ଡି.ଏନ.ଏ.):** ବାଙ୍ଗିରିପୋଷୀ ବ୍ଲକ ସରାସପୋଷି ପ୍ରାଥମିକ ବିଦ୍ୟାଳୟରେ ଏନଏସଏସ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ଅଧକ୍ଷା ଡ.ପୁଷ୍ପାରାଣୀ ପାତ୍ର ସଭାପତିତ୍ୱ କରିଥିବା ବେଳେ ବଣକାଟୀ ସରପଞ୍ଚ ସବିତା ନାଏକ, ପରିଚାଳନା ପରିଷଦ ସଭ୍ୟ ବିରୋକିଶର ମହାନ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଏନଏସଏସ ଶିବିରାର୍ଥୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା । ସୁକୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**ଖୁଣ୍ଟା,( ଡି.ଏନ.ଏ.):** ଖୁଣ୍ଟା ବ୍ଲକ ଅଧୀନ ଡୁକୁରାସ୍ଥିତ ଭଞ୍ଜଭୂମି ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ୭ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ମହିଳା ବିଭାଗର ସ୍ୱତନ୍ତ୍ର ଜାତୀୟ ସେବା ଶିବିର (ଏନଏସଏସ) ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଆୟୋଜକ ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ ଶେଖର ମହାପାତ୍ର ଓ ଖୁଣ୍ଟା ବ୍ଲକର ପୂର୍ବତନ ଅଧକ୍ଷ ସୁଧନ୍ୟା ନାଏକ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ ମିଶନ, ନାରୀ ସୁରକ୍ଷା , ଭୋଟ ଦାନ ସଚେତନତା, ଆତ୍ମ ସୁରକ୍ଷା ଓ କମ୍ପ୍ୟୁଟର ଶିକ୍ଷା ଉପରେ ଆଲୋକପାତ କରିଥିଲେ । ଶେଷରେ ଏନଏସଏସ ଅଧିକାରୀ ମୁଜାଫର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ ।

**ରାସଗୋବିନ୍ଦପୁର, (ଡି.ଏନ.ଏ):** ରାସଗୋବିନ୍ଦପୁର ବିନୋଦବିହାରୀ ଆଞ୍ଚଳିକ ମହାବିଦ୍ୟାଳୟର ଏନଏସଏସ ମହିଳା ଶାଖା ପକ୍ଷରୁ ହୋଇଥିବା ୭ଦିନିଆ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧାପକ ନକୁଳ ମହଲା ଓ ମନୋରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଚ୍ଛତା, ପରିମଳ, ସ୍ୱାସ୍ଥ୍ୟ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଡ. ବସନ୍ତକୁମାର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ଲିପସା ଅତିଥି ପରିଚୟ ଦେଇଥିବାବେଳେ ସ୍ନିଗ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ଭର୍ତ୍ତି କରାଯାଇଛି। ଖବରପାଇ ରାସଗୋବିନ୍ଦପୁର ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ମିଳିଛି ମାନ୍ୟତା, ହେଉନି ଉନ୍ନତି



ସମୀବୃକ୍ଷର ମନୋଲୋଭା ଦୃଶ୍ୟ ।

- **ପୌରାଣିକ କୀର୍ତ୍ତିପୀଠ ସମୀବୃକ୍ଷ**
- **ମୁକୁଳା ପଡ଼ିଛି ମେଳା ପଡ଼ିଆ**
- **ହେଉନି ଆଡ଼ିବନ୍ଧ, ବଢୁଛି ଅସନ୍ତୋଷ**

**କପ୍ତିପଦା,୨୯।୧୨(ଡି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ପୌରାଣିକ କୀର୍ତ୍ତିପୀଠ ସମୀବୃକ୍ଷର ନିଆରା ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଜିଲା ଓ ଜିଲା ବାହାରୁ ଏଠାକୁ ଛୁଟି ଆସୁଛନ୍ତି ବହୁ ପର୍ଯ୍ୟଟକ। ଏହି ପୀଠଟି ୨୦୦୩ ମସିହାରୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ହେଁ ଅଦ୍ୟାବଧି ଆନୁଷଙ୍ଗିକ ଭିତ୍ତିଭୂମିର ସେପରି ଆଖିଦୃଶିଆ ଉନ୍ନତି ହୋଇ ନାହିଁ । ପର୍ଯ୍ୟଟନ ମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ପୀଠର ବିକାଶ ସମ୍ଭବ ହୋଇ ପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅଦ୍ୟାବଧି ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା , କୁଶଭଦ୍ରା ନଦୀରେ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ମେଳା ପଡ଼ିଆ ପ୍ରତିବର୍ଷ ସଙ୍କୁଚିତ ହେବାରେ ଲାଗିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

ଜିଲା ପ୍ରଶାସନ ପକ୍ଷରୁ ୧ କୋଟି ୧୫ ଲକ୍ଷ ଟଙ୍କାର ପ୍ଲାନ ପ୍ରସ୍ତୁତ କରି ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି । ମାତ୍ର ଦୀର୍ଘଦିନ ପରେ ମଧ୍ୟ ଅନୁଦାନ ନ ମିଳିବାରୁ ଏଠାରେ କୌଣସି ଉନ୍ନୟନ କାମ ହୋଇପାରି ନାହିଁ । ଆସନ୍ତା ଜାନୁୟାରୀ ୧୪ ତାରିଖରେ ମୟୂରଭଞ୍ଜର ଗଣପର୍ବ ମକରରେ ଏଠାରେ ୧୦ ଦିନ ଧରି ମେଳା ବସୁଥିବାରୁ ଚଳଚଞ୍ଚଳ ହୋଇ ଉଠିବ ଏହି ପୀଠ । ଏହା ପୂର୍ବରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ଲକ୍ ଜରିଆରେ ୩୦ ଲକ୍ଷ ପାଖାପାଖି ଟଙ୍କାରେ ବିଭିନ୍ନ ଉନ୍ନୟନମୂଳକ କାମ ଓ ବିଆରଜିଏଫ୍ ପାଣ୍ଠିରୁ ଭୋଜି ମଣ୍ଡପ ନିର୍ମାଣ କରାଯାଉଛି। ମେଳା ପୂର୍ବରୁ ସମସ୍ୟାର ସମାଧାନ ନିମନ୍ତେ ଦାବି ହେବା ସତ୍ତ୍ୱେ ଏ ନେଇ ତତ୍ପରତା ପ୍ରକାଶ ପାଉନି ।

କପ୍ତିପଦା ଉପଖଣ୍ଡର ଏହି ସୁଉଚ୍ଚ କୀର୍ତ୍ତି ସ୍ତମ୍ଭ ସମୀବୃକ୍ଷ ପୂର୍ବରେ ରହିଛି କାଳବନ୍ଧ । କୁଶଭଦ୍ରା ନଦୀ ସମୀବୃକ୍ଷ ପାର୍ଶ୍ୱ ଦେଇ ବୋହି ଯାଇଥିବାବେଳେ ପଶ୍ଚିମରେ ଶିମିଳିପାଳର ସବୁଜ ଚିତ୍ରିତ ବନରାଜି ଏହି ଶୋଭାକୁ ଦ୍ୱିଗୁଣିତ କରୁଛି। ସମୀବୃକ୍ଷର ଅନତି ଦୂରରେ ଡୁବିଗଡ଼ ପାହାଡ଼ରେ ଏକ ପୁଷ୍କରିଣୀ ଓ ମନ୍ଦିର ଥିବାର ଚିହ୍ନ ରହିଛି। ସେହିପରି ଇଟାଗଡ଼ ପାହାଡ଼ରେ ବହୁ ପ୍ରାଚୀନ କାଳର ଇଟାକାନ୍ଥ ମାଟି ତଳେ ପୋତିହୋଇ ରହିଥିବା ଦେଖିବାକୁ ମିଳେ। ସମୀବୃକ୍ଷ ଉପରେ ପାଣ୍ଡବ ୫ ଭାଇ ଓ ଦ୍ରୌପଦୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି । ପାଦ ଦେଶରେ ଶ୍ରୀ ଶ୍ରୀ ବାସୁଦେବ ମହାପ୍ରଭୁଙ୍କ ମନ୍ଦିର, ପ୍ରଖ୍ୟାତ ଗୀତିକାର କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ଦ୍ୱାରା ସ୍ଥାପିତ ଜଗନ୍ନାଥ, ବଳଭଦ୍ର, ଓ ସୁଭଦ୍ରାଙ୍କର ବିଗ୍ରହ ପୂଜାର୍ଚ୍ଚିତ ହେଉଛନ୍ତି। ସେହିପରି ବ୍ୟାଘ୍ର ଗୁମ୍ଫା ଓ ଅନନ୍ତ ଗୁମ୍ଫା ନିକଟରେ ଥିବା ଏକ ମଠରେ ମହିମା ଅଲେଖ ଧର୍ମର ପ୍ରଚାର ଓ ପ୍ରସାର କରାଯାଉଛି। ଏହି ତୀର୍ଥ ସ୍ଥଳୀରେ ନଅଦିନ ମକରମେଳା, ଶିବରାତ୍ରୀରେ ଶ୍ରୀ ବିରାଟେଶ୍ୱର ମେଳା ଅନୁଷ୍ଠିତ ହେଉଛି। ଏହି ପୀଠର ଉନ୍ନତି ନିମନ୍ତେ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ସମୀବୃକ୍ଷ ବିକାଶ ପରିଷଦ ନାମରେ ଏକ କମିଟି ଗଠନ କରାଯାଇ ଯଥା ସମ୍ଭବ ଉନ୍ନୟନ କାର୍ଯ୍ୟ ଚାଲୁ ରହିଛି। ତେଣୁ ଏହି ପୀଠର ଉନ୍ନୟନ ନିମନ୍ତେ ସେଠାରେ ଯାତ୍ରୀ ନିବାସ, ବିଜୁଳି, ପାନୀୟ ଜଳଯୋଗାଣ, କୁଶଭଦ୍ରା ନଦୀର ଆଡ଼ିବନ୍ଧ ନିର୍ମାଣ ପାଇଁ ଦୃଷ୍ଟି ଦେବାକୁ ଦାବି ହେଉଛି। ଏହାର ବିକାଶ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ କହନ୍ତି, ସହାୟତା ବ୍ୟୟବରାଦ ଅନୁସାରେ କାର୍ଯ୍ୟ ଚାଲିଛି। ଆବଶ୍ୟକୀୟ ଜିନିଷ ଉପରେ ଏକ ଅଟକଳ ପ୍ରସ୍ତୁତ କରାଯାଇ ବିଭାଗକୁ ପଠାଯାଇଛି ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜାମଶୁଳି ଷ୍ଟେଶନରେ ସୁପରଫାଷ୍ଟ ଟ୍ରେନ ରହଣି ଦାବି

**ବାରିପଦା ଅଫିସ,୨୯।୧୨**

ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନ ମଣ୍ଡଳୀରେ ଥିବା ଏକମାତ୍ର ରେଳ ଷ୍ଟେଶନ ଜାମଶୁଳିଠାରେ ବାଙ୍ଗିରିପୋଷି–ବାରିପଦା–ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ ରହଣି ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ସହିତ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଶନିବାର ଏକ ପ୍ରତିନିଧି ଦଳ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ବାରିପଦାଠାରୁ ରୂପ୍‌ସା ମଧ୍ୟରେ ଥିବା ସବୁ ଷ୍ଟେଶନ ମଧ୍ୟରୁ କେବଳ ଜାମଶୁଳିଠାରେ ଏହି ଟ୍ରେନ ଅଟକୁ ନାହିଁ। ଏହି ଷ୍ଟେଶନରେ ଟ୍ରେନ ରହିଲେ ମୋରଡ଼ା ନିର୍ବାଚନ ମଣ୍ଡଳୀର ପ୍ରାୟ ୧୨ ଟି ଗ୍ରାମବାସୀ ସିଧାସଳଖ ଉପକୃତ ହେବେ। ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ସମୟରେ ଏ ନେଇ ଦାବି ଉପସ୍ଥାପନ କଲେ ମଧ୍ୟ ସାଉଥ ଇଷ୍ଟର୍ନ ରେଲୱେ ଏହାକୁ ଗୁରୁତ୍ୱ ଦେଉନାହିଁ। ତେଣୁ ଏଠାରେ ଟ୍ରେନ ନ ରହିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଦୋଳଗୋବିନ୍ଦ ମହାନ୍ତ, ଜଗଦୀଶ ମହାନ୍ତ, ଏକାଦଶୀ ସିଂ, ଡୁମା ମହାନ୍ତ, ଜଗଦିଶ ମହାନ୍ତ, ବିନୋଦ ସିଂ, ନିମାଇଁ ମହାନ୍ତ, ସନ୍ତୋଷ ପାତ୍ର, ପ୍ରଶାନ୍ତ ମହାନ୍ତ, ସୁଧୀର ମହାନ୍ତ, ଅମିତ କୁମାର ମହାନ୍ତ, ପିଥ ସୋରେନ ପ୍ରମୁଖ ସାମିଲ ଥିଲେ।

## ଆମ ପୋଲିସ ସମିତି ବୈଠକ




ବୈଠକରେ ଉପସ୍ଥିତ ଆଇଆଇସି ଓ ଏସଡିପିଓ ।

**କପ୍ତିପଦା,୨୯।୧୨(ଡି.ଏନ.ଏ)**

କପ୍ତିପଦା ଥାନା ଅଧୀନ ଜଡିଦା ପଞ୍ଚାୟତ ନେଦାମ ଗ୍ରାମରେ କପ୍ତିପଦା ପୋଲିସ ପକ୍ଷରୁ ଆମ ପୋଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କପ୍ତିପଦା ଥାନା ଅଧିକାରିଣୀ ରୀନା ବେହେରା ଅଧକ୍ଷତା କରିଛନ୍ତି । ଏଥିରେ କପ୍ତିପଦା ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନ ରଞ୍ଜନ ମହାପାତ୍ର, ରାଜନେତା, ସମାଜସେବୀ ଓ ଶିକ୍ଷାବିତ୍‌ମାନେ ଉପସ୍ଥିତ ଥିଲେ। ବୈଠକରେ ବିଶେଷ କରି ଶିଶୁ ଶ୍ରମିକ, ବାଲ୍ୟବିବାହ, ଟ୍ରାଫିକ୍ ନିୟମ, ନିଶା ନିବାରଣ, ଗୁଣିଗାରେଡି, ଅଜଣା ବ୍ୟକ୍ତିଙ୍କ ଅନୁପ୍ରବେଶ ଓ ଅନ୍ଧବିଶ୍ୱାସ ଉପରେ ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳବାସୀଙ୍କୁ କିପରି ସଚେତନ କରାଯାଇ ପାରିବ ସେ ସମ୍ପର୍କରେ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ଅବସରରେ ପୋଲିସ ସହାୟତାରେ ଏକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ।

## ‘ହୋ, ମୁଣ୍ଡାରୀ ଭାଷାକୁ ମାନ୍ୟତା ଦିଅ’

**ବିଶୋଇ,୨୯।୧୨**

ମୟୂରଭଞ୍ଜ ଜିଲାର ହୋ ଓ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ମୟୂରଭଞ୍ଜ ସାଂସଦ ଇଂ. ରାମଚନ୍ଦ୍ର ହାଁସଦା ଶୂନ୍ୟ କାଳରେ ଏହି ଦାବି ଲୋକ ସଭାରେ ଉପସ୍ଥାପନା କରିଛନ୍ତି । ସୂଚନାଥାଉ କି, ପୂର୍ବରୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ୧୪ ଟି ଭାଷା ସାମିଲ ଥିବାବେଳେ ପରବର୍ତ୍ତୀ ସମୟରେ ଆଉ ୮ ଗୋଟି ଭାଷା ସାମିଲ ହୋଇ ବର୍ତ୍ତମାନ ଏହାର ସଂଖ୍ୟା ୨୨ କୁ ପହଞ୍ଚି ପାରିଛି। ତେବେ ମୟୂରଭଞ୍ଜ ଜିଲା ଏକ ଆଦିବାସୀ ବହୁଳ ଜିଲା ଭାବରେ ପରିଗଣିତ ହୋଉଥିବାବେଳେ ଏହି ଜିଲାରେ ହୋ ଓ ମୁଣ୍ଡା ଭାଷା ସମ୍ପ୍ରଦାୟର ଜନସଂଖ୍ୟା ମଧ୍ୟ ଅନେକ । ଏହି ଭାଷାଭାଷୀ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏମ୍‌ପି ହାଁସଦା ଏହି ଦାବି ଉପସ୍ଥାପନା କରିଛନ୍ତି। ଏହା ପୂର୍ବରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ର ସରକାରଙ୍କୁ ହୋ ଓ କୋଷାଳି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖକୁ ସ୍ମାରକ ଦେଇଥିଲେ। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଲେ ଏହି ଭାଷାଭାଷୀ ଲୋକଙ୍କ ଉନ୍ନତି ହେବ ବୋଲି ଏମ୍‌ପି କହିଛନ୍ତି।



ରୌପ୍ୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ମେଘାସନ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ

**କପ୍ତିପଦା,୨୯।୧୨(ଡି.ଏନ.ଏ.)**

କପ୍ତିପଦା ବ୍ଲକ୍ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ବେଶ୍ ଜାକଜମକରେ ଅନୁଷ୍ଠିତ ହୋଇଯାଇଛି । ପ୍ରଶାସନିକ ଅଧିକାରୀ ଡ଼. ରମେଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତିପ୍ରଫେସର ପ୍ରଦୀପ କୁମାର ଚାନ୍ଦ, ବିଶିଷ୍ଟ ଅତିଥିଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ଶିତାଂଶୁ କୁମାର ସାମଲ, ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଅନୀଲ କୁମାର ମହାପାତ୍ର, ଓଡ଼ିଶାର ଦିବ୍ୟାଙ୍ଗଙ୍କ ମଧ୍ୟରେ ପ୍ରଥମ ଓଏଏସ୍ ପାଇଥିବା ସନ୍ନ୍ୟାସୀ ବେହେରା, ଉଦଳା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ଯୁକ୍ତ ତିନି ଛାତ୍ରୀ ତପସ୍ୱିନୀ ମହାନ୍ତି, ଯୁକ୍ତ ଦୁଇ ଛାତ୍ରୀ ପଦ୍ମିନୀ ନାୟକଙ୍କୁ ସୁବାସିନୀ ମହାନ୍ତି ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ପାଇଁ ଏକ ସଭା ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା।

## ଥାନା ପରିସରରେ କନଷ୍ଟେବଲଙ୍କ ମୃତ୍ୟୁ

**ବହଳଦା/ରାଇରଙ୍ଗପୁର, ୨୯।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ତିରିଂ ଥାନା ପରିସରରେ ଶୁକ୍ରବାର ବିଳମ୍ବିତ ରାତିରେ ୨ କନଷ୍ଟେବଲଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କନଷ୍ଟେବଲ ସୁରେଶ ମହାନ୍ତ (୫୨)। ତାଙ୍କ ଘର ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ଦୁର୍ଗିଆଡିହି ଗାଁରେ । ଶୁକ୍ରବାର ରାତିରେ ଥାନା ପରିସରରେ ଅନ୍ୟ ଜଣେ କନଷ୍ଟେବଲଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ପରେ ସୁରେଶ ଥାନା ପରିସରରୁ ବାହାରି ଯାଉଥିବାବେଳେ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ତିରିଂ ଡାକ୍ତରଖାନା ଓ ପରେ ରାଇରଙ୍ଗପୁର ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ପକ୍ଷରୁ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୨୬/୧୮) ରୁଜୁ ହୋଇଛି। କିନ୍ତୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

## ଭିନ୍ନକ୍ଷମ ଅଭିଯୋଗ ଶୁଣାଣି ଶିବିର

**କପ୍ତିପଦା,୨୯।୧୨(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ କନଫରେନ୍ସ ହଲ୍‌ରେ ରାଜ୍ୟ ସୋସିଆଲ ସିକ୍ୟୁରିଟି ଅଫିସର ସନ୍ନ୍ୟାସୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭିନ୍ନକ୍ଷମଙ୍କର ଏକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ୍ ସୋସିଆଲ ସିକ୍ୟୁରିଟି ଅଫିସର ରାଧାକୃଷ୍ଣ ରାଉତ ଓ ବିଆରଟି ମନୋରଞ୍ଜନ ପଣ୍ଡା ପ୍ରମୁଖ ଭିନ୍ନକ୍ଷମଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହିତ ଲିଖିତ ଅଭିଯୋଗ ଗ୍ରହଣ କରିଛନ୍ତି। ଶିବିରରେ କପ୍ତିପଦା ଉପଖଣ୍ଡ ସ୍ତରରୁ ୪୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାର ଜଣାଯାଇଛି । ଏହି ଅଭିଯୋଗଗୁଡ଼ିକ ମୁଖ୍ୟତଃ ଗ୍ରାମୀଣ ଗୃହ ନିର୍ମାଣ, ଭତ୍ତା, ରାଶନ କାର୍ଡ, ବାଣୀଶ୍ରୀ ଭତ୍ତା ଓ ଭିନ୍ନକ୍ଷମଙ୍କ ଉପକରଣ ପ୍ରଦାନ ନିମନ୍ତେ ହୋଇଥିବା ଜଣାଯାଇଛି । ଏହି ଅଭିଯୋଗଗୁଡ଼ିକର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସୋସିଆଲ ସିକ୍ୟୁରିଟି ଅଫିସର ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

## ଯଶୋଦା ସାହିତ୍ୟ ସଂସଦର ଶୀତ ଆସର

**ବାରିପଦା ଅଫିସ,୨୯।୧୨**

ଯଶୋଦା ସାହିତ୍ୟ ସଂସଦ ପକ୍ଷରୁ ଶୀତ ଆସର କାର୍ଯ୍ୟକ୍ରମ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶଶିଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗୀତ ଆସରରେ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ କବି ଶଶିଲାଲ ମହାନ୍ତି ଯୋଗଦେଇ ଶୀତ ଋତୁରେ ପ୍ରକୃତି କିପରି ନିଜକୁ ଅନନ୍ତ ସୌନ୍ଦର୍ଯ୍ୟରେ ବିମଣ୍ଡିତ କରେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ତିହିନି କୃଷ୍ଣ ମହାନ୍ତ, ଶିକ୍ଷକ ଉପେନ୍ଦ୍ରନାଥ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଶିକ୍ଷକ ଅମୂଲ୍ୟ କୁମ୍ଭକାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ବିଜୟ କୁମାର ନାଥ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶୀତକୁ ନେଇ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା।




ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ବଡ଼ସାହିରେ ଜମୁଛି ପର୍ଯ୍ୟଟକଙ୍କ ଗହଳି

**ବଡ଼ସାହି,୨୯।୧୨(ସ୍ୱ.ପ୍ର)**

ବଡସାହି ବ୍ଲକ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଦୁଇଟି ଐତିହାସିକ ସ୍ଥଳୀ ମାଣତ୍ରୀର କଖାରୁଆ ବୈଦ୍ୟନାଥ ପୀଠ ଓ ହରିପୁର ଗଡରେ ଏବେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଛି। ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନ ପାଇଛି। ଗୋଟିଏ ପଟେ ଆଧ୍ୟାତ୍ମିକତା ସାଙ୍ଗକୁ ଓ ଅନ୍ୟପଟେ ଐତିହାସିକ ସ୍ଥଳୀ ପର୍ଯ୍ୟଟକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଉଛି ।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମୁଖ୍ୟାଳୟରୁ ୧୨ କି.ମି. ଦୂର ମାଣତ୍ରୀଠାରେ ଥିବା ପ୍ରସିଦ୍ଧ କଖାରୁଆ ବୈଦ୍ୟନାଥ ଶୈବପୀଠରେ ନୂଆ ବର୍ଷ ପାଇଁ ପର୍ଯ୍ୟଟକଙ୍କ ଭିଡ ଆରମ୍ଭ ହୋଇଛି । ପୁରାଣ ବର୍ଣ୍ଣିତ ବିଭିନ୍ନ ତଥ୍ୟ ସହିତ ରାଜାରାଜୁଡା ଅମଳରୁ ନିର୍ମାଣ ହୋଇଥିବା ପ୍ରସିଦ୍ଧ କଖାରୁଆ ବୈଦ୍ୟନାଥ ପୀଠରେ ପର୍ଯ୍ୟଟକଙ୍କ ଗହଳି ଆରମ୍ଭ ହେଲାଣି । ସେହିଭଳି ବଡସାହି ବ୍ଲକ ଅଧୀନରେ ଥିବା ମା’ହିଙ୍ଗୁଳା ପୀଠରେ ମଧ୍ୟ ବେଶ ସମାଗମ ଦେଖିବାକୁ ମିଳୁଛି। ବହୁ ପର୍ଯ୍ୟଟକ ମା’ଙ୍କ ପୂଜାର୍ଚ୍ଚନା କରିବା ସହିତ କୃପା ଲାଭ କରୁଛନ୍ତି । ହିଙ୍ଗୁଳା ମନ୍ଦିରର ଉଭୟ ପାର୍ଶ୍ୱରେ ଲମ୍ବିଛି ବିଶାଳ ଶାଳ ଜଙ୍ଗଲ । ଏହା ମଧ୍ୟରେ ପର୍ଯ୍ୟଟକମାନେ ପିକ୍‌ନିକ୍ କରିବାର ମଜା ଉଠାଉଛନ୍ତି। ସେହିପରି ଐତିହାସିକସ୍ଥଳୀ ତଥା ମୟୂରଭଞ୍ଜର ପ୍ରଥମ ରାଜଧାନୀ ହରିପୁର ଗଡ଼ରେ ମଧ୍ୟ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ ଜମୁଛି। ୧୪ଶହ ଖ୍ରୀଷ୍ଟାବ୍ଦରେ ନିର୍ମାଣ ହୋଇଥିବା ହରିପୁର ଗଡର ରସିକରାୟ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର, ଘୋଡାଶାଳ ଓ ରାଜବାଟୀର ଭଗ୍ନାବଶେଷର କଳା ନୈପୁଣ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ସେହିପରି ବଡ଼ସାହି ମୁଖ୍ୟାଳୟରୁ ୧୦ କି.ମି. ଦୂର ପାନୁଆ ବନ୍ଧରେ ମଧ୍ୟ ପର୍ଯ୍ୟଟକଙ୍କ ଗହଳି ହେଉଛି। ବିଶାଳକାୟ ବନ୍ଧରେ ବୁଲି ବୁଲି ପର୍ଯ୍ୟଟକମାନେ ନୂଆ ନୂଆ ପକ୍ଷୀକୁ ଦେଖି ବେଶ ଆନନ୍ଦିତ ହେଉଛନ୍ତି । ତେବେ ପିକନିକ କରିବା ଲାଗି ଦୂରଦୂରାନ୍ତରୁ ଆସୁଥିବା ଲୋକେ ପିଇବା ପାଣି ପାଇଁ ବହୁ ହଇରାଣ ହରକତ ହେଉଛନ୍ତି । ପାନୁଆ ବନ୍ଧରେ ପାନୀୟ ଜଳ ସମେତ ରାତ୍ରିଯାପନ ନିମନ୍ତେ ପାନ୍ଥଶାଳା ନିର୍ମାଣ କରିବା ପାଇଁ ଦାବି ହେଉଛି । ମାଣତ୍ରୀ ଶୈବ ପୀଠରେ ମଧ୍ୟ ମନ୍ଦିର ଘେରି ରହିଥିବା କୁଣ୍ଡିର ପୁନରୁଦ୍ଧାର କରିବା ସହିତ ବୋଟିଂ ବ୍ୟବସ୍ଥା ଲାଗି ଦାବି ହେଉଛି । ଉତ୍ତର ଓଡିଶାର ପ୍ରସିଦ୍ଧ ମା’ହିଙ୍ଗୁଳାଙ୍କ ପୀଠକୁ ଯିବା ପାଇଁ ରାସ୍ତା ପ୍ରଶସ୍ତିକରଣ ସାଙ୍ଗକୁ ଆଲୋକର ବ୍ୟବସ୍ଥା କରିବା ପାଇଁ ଭକ୍ତ ଓ ପର୍ଯ୍ୟଟକଙ୍କ ପକ୍ଷରୁ ଦାବି ହେଉଛି।



ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ ଗହଳି।

**ଶାନ୍ତ ପରିବେଶର ମଜା ନେଉଛନ୍ତି ପର୍ଯ୍ୟଟକ**

- **ହରିପୁର ଗଡ, ବୈଦନାଥ ପୀଠରେ ଭିଡ**
- **ମା’ହିଙ୍ଗୁଳା ପୀଠରେ ବହୁ ଶ୍ରଦ୍ଧାଳୁ**
- **ପାନୁଆ ବନ୍ଧରେ ପାନୀୟ ଜଳ ବ୍ୟବସ୍ଥା ଦାବି**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ | Press Regd. No. R.N. 21326/74 Postal Regd. No. BN/42/18-20. | ବାଲେଶ୍ୱର, ରବିବାର, ଡିସେମ୍ବର ୩୦/୨୦୧୮ | Balasore, Sunday, December 30 / 2018







## ସଂକ୍ଷେପରେ

### ପାଣିରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ବାସୁଦେବପୁର, ୨୯।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର କଷିଆ ମାଛଧରା ମୁହାଣରୁ ସମୁଦ୍ରକୁ ସଂଯୋଗ କରୁଥିବା ପାଣିନାଳିରେ ବୁଡ଼ି ଯିବାରୁ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାସୁଦେବପୁର ବ୍ଲକ ଅଢ଼ୁଆଁ ଗ୍ରାମର ଶରତ ମଲିକ(୪୫)। ସେ କଷିଆ ମୁହାଣରେ ଏକ ବୋଟ୍‌ରେ ମତ୍ସ୍ୟଜୀବୀ ଭାବେ କାର୍ଯ୍ୟରତ ଥିଲେ। ଶନିବାର ଅପରାହ୍ଣରେ ସେ ଅନ୍ୟ ସହଯୋଗୀଙ୍କ ସହ ଜାଲ ମରାମତି କାର୍ଯ୍ୟ କରୁଥିଲେ। ଜାଲ ଖୋଲିବା ପାଇଁ ବୋଟ୍ ତଳକୁ ଯାଇଥିବା ବେଳେ ଆଉ ପାଣିରୁ ଉଠି ପାରି ନ ଥିଲେ। ସହଯୋଗୀମାନେ ବହୁ ଖୋଜାଖୋଜି କରି କିଛି ସମୟ ପରେ ଶରତଙ୍କ ମୃତଦେହ ଉଦ୍ଧାର କରିଥିଲେ। ସେମାନେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ରଖାଯାଇଛି।

### ଧାନ ଖାଇଗଲେ ହାତୀପଲ

**ତେଲକୋଇ, ୨୯।୧୨(ଡି.ଏନ.ଏ.):** ତେଲକୋଇ ବନାଞ୍ଚଳ ଅଧୀନ କରଦାଙ୍ଗୀ ପଞ୍ଚାୟତର ସରେଇ ଗ୍ରାମରେ ଶୁକ୍ରବାର ରାତିରେ ଚାଷୀଙ୍କ ଖଳାରୁ ହାତୀପଲ ଧାନ ବିଡା ଖାଇ ଦେଇଛନ୍ତି। ଗ୍ରାମର ୬ ଚାଷୀ କୃତୀବାସ ପ୍ରଧାନ, ବୃନ୍ଦା ପ୍ରଧାନ, ସୁରେଶ ବିଶ୍ୱାଳ, ପ୍ରଦୀପ ସାହୁ ସମେତ ବହୁ ଚାଷୀଙ୍କ ଖଳାରେ ପଶି ହାତୀପଲ ଧାନ ବିଡା ଖାଇଥିବା ଅଭିଯୋଗ ହୋଇଛି। ଏ ନେଇ ବନାଞ୍ଚଳ ଅଧିକାରୀ ପିତାମ୍ବର ନାଏକଙ୍କୁ ପଚାରିବାରୁ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀଙ୍କୁ କ୍ଷତି ପୂରଣ ଦିଆଯିବ ବୋଲି ସେ କହିଛନ୍ତି।

### କର୍ତ୍ତୃପକ୍ଷଙ୍କ ପାତରଅନ୍ତର ନୀତି

**ଝୁମ୍ପୁରା, ୨୯।୧୨(ଡି.ଏନ.ଏ.):** ଝୁମ୍ପୁରା ସିଡିପିଓଙ୍କ ପାତରଅନ୍ତର ନୀତିରୁ ଜଣେ ଅଙ୍ଗନୱାଡି କର୍ମୀ ହଇରାଣ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଉ ନ ଥିବା ଓ ବାରମ୍ବାର ସିଡିପିଓ ଅଣଦେଖା କରୁଥିବା ଆଦିବାସୀ ଯୁବତୀ ସୀତାରାଣୀ ମୁଣ୍ଡି ଅଭିଯୋଗ କରିଛନ୍ତି। ଝୁମ୍ପୁରା ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମ ଅଙ୍ଗନୱାଡିର କର୍ମୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ସେତେବେଳେ ସୀତାରାଣୀଙ୍କ ସହ ଅନ୍ୟ ପ୍ରାର୍ଥିନୀ ମଧ୍ୟ ଅଙ୍ଗନୱାଡି କର୍ମୀ ପାଇଁ ଦରଖାସ୍ତ କରିଥିଲେ। ସମସ୍ତ ଯୋଗ୍ୟତା ଥାଇ ନଂ ୧ରେ ସିଲେକସନ ହୋଇଥିଲେ ହେଁ ସୀତାରାଣୀଙ୍କୁ ନିଯୁକ୍ତି ମିଳି ନ ଥିଲା। ଏନେଇ ସୀତାରାଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାର ପୂର୍ବକ ହାଇକୋର୍ଟ ସୀତାରଣୀଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ଦେବା ପାଇଁ ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୬।୧୧।୧୮ରେ ତ୍ରିଲୋଚନପୁର ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଭାବେ ସୀତାରାଣୀ ଯୋଗ ଦେଇଥିଲେ। ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ପୁରୁଣା ଅଙ୍ଗନୱାଡି କର୍ମୀ ସୀତାରଣୀଙ୍କୁ ଦାୟିତ୍ୱ ହସ୍ତନ୍ତର କରୁ ନାହାନ୍ତି। ସୀତାରାଣୀ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ବସି ବସି ଆସୁଛନ୍ତି। ଏ ନେଇ ସୀତାରଣୀ ଝୁମ୍ପୁରା ସିଡିପିଓଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ସିଡିପିଓ ତାଙ୍କ ଅଭିଯୋଗ ଶୁଣୁ ନାହାନ୍ତି ବୋଲି ସୀତାରାଣୀ କହିଛନ୍ତି। ଏ ନେଇ ସୀତାରାଣୀ ୨୪ରେ ଝୁମ୍ପୁରା ବ୍ଲକରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ଏ ନେଇ ଝୁମ୍ପୁରା ସିଡିପିଓ ସୁଲତା ନାୟକଙ୍କୁ ପଚାରିବାରୁ ଏହି ଅଭିଯୋଗ ସମ୍ପର୍କରେ କୌଣସି ମତାମତ ଦେବାକୁ ମନା କରିଥିଲେ।

# ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର

**ଧାମନଗର, ୨୯।୧୨ (ଡି.ଏନ.ଏ.)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭଦ୍ରକ ଜିଲା ଧାମନଗର ଗସ୍ତରେ ଆସିଥିଲେ। ସ୍ଥାନୀୟ ଗୋବିନ୍ଦପୁର ଖେଳପଡ଼ିଆରେ ଆୟୋଜିତ ଏକ ଜନସମାବେଶରେ ଯୋଗଦେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟ ପାଇଁ ଯେଉଁ ଅନୁଦାନ ଦେଉଛନ୍ତି ତାହାର ହିସାବ ଦେଇଥିଲେ। ଏଥିସହ କେନ୍ଦ୍ର ସରକାର ଯୋଗାଉଥିବା ବିଭିନ୍ନ ଯୋଜନାର ଅନୁଦାନର ହିସାବ ରାଜ୍ୟ ସରକାର ଦିଅନ୍ତୁ ବୋଲି କହିଥିଲେ। ମହିଳାଙ୍କ ପାଇଁ ଯୋଗାଇ ଦିଆଯାଇଥିବା ଶୌଚାଳୟ ବାବଦ ଅର୍ଥ ବାଟମାରଣା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପିସି କାରବାର, ଭଦ୍ରକ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ରାଜ୍ୟରେ ଶିଶୁଙ୍କୁ କୁପୋଷଣ, ଧାନକିଣାରେ ଦୁର୍ନୀତି, ଚିଟ୍‌ଫଣ୍ଡ ଦୁର୍ନୀତି ହୋଇଛି ବୋଲି କହି ମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେହିପରି କେନ୍ଦ୍ରର ବିଭିନ୍ନ ଯୋଜନା ଯଥା ରନ୍ଧନ ଗ୍ୟାସ୍ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛଭାରତ ଯୋଜନାରେ ଶୌଚାଳୟ ନିର୍ମାଣ, ଜଳସେଚନ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ଆଦି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସୂଚନା ଦେଇଥିଲେ।

ଶନିବାର ପୂର୍ବାହ୍ଣରେ ମନ୍ତ୍ରୀ ପ୍ରଧାନ ହେଲିକପ୍ଟର ଯୋଗେ ଧାମନଗର କୋରୁଆରେ ପହଞ୍ଚି ବିଶାଳ ଜନପରାମର୍ଶ ଶୋଭାଯାତ୍ରାରେ ଯାଇ ଗୋବିନ୍ଦପୁର ଖେଳପଡ଼ିଆରେ ଆୟୋଜିତ 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠନାଥ ସାହୁଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ଥାନୀୟ ୪ ମଣ୍ଡଳ ସଭାପତି ଦୀପ୍ତିରଞ୍ଜନ ଜେନା, ସଦାଶିବ ପୋଥାଳ, ଅଜୟ ବଳ, ଅରବିନ୍ଦ ପତି, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟ ଉମାମଣି ସାହୁ, ସୁରତ ସେଠୀ, ରଞ୍ଜିତା ସ୍ୱାଇଁ, ମନୋଜ ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ଥାନୀୟ ବିଧାୟକଙ୍କୁ ସମାଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁଚରଣ ସେଠୀ, ଜିଲା ସଭାପତି ବଦ୍ରିନାରାୟଣ ଧଳ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭାଜପାର ବରିଷ୍ଠ ନେତା ଶରତ ଦାସ, ଡା.ପ୍ରଦୀପ ନାୟକ, ହେମେନ୍ଦ୍ର ସାହୁ, ବାସୁଦେବପୁରର ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କେତେକ ସ୍ଥାନୀୟ ନେତା ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରାୟ ୧୦ ହଜାର ଜନସମାଗମ ହୋଇଥିଲା। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଏବଂ ଭାଜପା କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଧାମନଗରଠାରେ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

## ଜନ ପରାମର୍ଶ ପଦଯାତ୍ରାରେ ଯୋଗଦେଲେ ଧର୍ମେନ୍ଦ୍ର

**ସଜନାଗଡ଼,୨୯।୧୨(ଡି.ଏନ.ଏ.):** କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗସ୍ତ କରିଛନ୍ତି। ସେ ବରହମ୍‌ପୁର ମିନି ଷ୍ଟାଡ଼ିୟମ୍ ଠାରେ ହେଲିକପ୍ଟରରେ ପ୍ରାୟ ୧୨ଟା ୪୫ରେ ଅବତରଣ କରିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରୁ ସ୍ୱପ୍ନେଶ୍ୱର ମନ୍ଦିର ଦର୍ଶନ କରିବା ପରେ ଦୀର୍ଘ ୨ କି.ମି. ନେତା ଓ ହଜାର ହଜାର କର୍ମୀଙ୍କ ଗହଣରେ ଚାଲିଚାଲି ବରହମ୍‌ପୁର ସହରରେ ଜନ ପରାମର୍ଶ ପଦଯାତ୍ରା କରି ସଭାସ୍ଥଳରେ ପହଞ୍ଚି ଥିଲେ।

ଆୟୋଜିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୀଳଗିରି ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ବରହମ୍‌ପୁରରେ ଜନ ପରାମର୍ଶ ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଯୋଗଦେଇ ରାଜ୍ୟସରକାରଙ୍କ ପିଠା, କାଳିଆ, ବିଜୁ ଯୁବ ବାହିନୀକୁ ସମାଲୋଚନା କରିବା କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ପୁଣିଥରେ ନୀଳଗିରିରେ ପଦ୍ମ ଫୁଟାଇ ରାଜ୍ୟରେ ଭାଜପା ଶାସନ ଆଣିବାକୁ ସେ ନିବେଦନ କରିଥିଲେ। ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ମହିଳାମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଷମା ରାଣୀ ବିଶ୍ୱାଳ, ରାଜ୍ୟ ସମ୍ପାଦିକା ମନିଷା ଚିନ୍ମୟୀ ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା ରବିନାରାୟଣ ବେହେରା, ନୀଳଗିରି ପ୍ରଭାରୀ ସିପ୍ରା ବାଜପେୟୀ ପ୍ରମୁଖ ଯୋଗଦେଇ ସମାଲୋଚନା କରିଥିଲେ।

## ନିମ୍ନମାନର ଚିନାବାଦାମ ବିହନ ଯୋଗାଣ

**ବାଲିଆପାଳ,୨୯।୧୨(ଡି.ଏନ.ଏ.)**

କୃଷି ବିଭାଗ ଓ ବିହନ ନିଗମ ଚିନାବାଦାମ ଚାଷ ପାଇଁ ଯୋଗାଇଥିବା ବିହନ ନିମ୍ନମାନର ବୋଲି ବାଲିଆପାଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ଫଳ ଗୁଡ଼ିକ ଠିକଭାବେ ଗଜା ହେଉନାହିଁ। ଏନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବାଲିଆପାଳ ବ୍ଲକ ଅଞ୍ଚଳରେ ଉଭୟ ସୁବର୍ଣ୍ଣରେଖା ନଦୀ ଅବବାହିକା ଓ ଦକ୍ଷିଣରେ ବଙ୍ଗୋପସାଗର ଅବବାହିକାରେ ପ୍ରଚୁର ପରିମାଣରେ ଚିନାବାଦାମ ଚାଷ ହୋଇଥାଏ। ଏହା ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଚାଷୀମାନେ ମଧ୍ୟ କମ ଖର୍ଚ୍ଚରେ ଅଧିକ ଫାଇଦା ଉଠାଇଥାନ୍ତି। ଚିନାବାଦାମ ଚାଷ ପାଇଁ ସ୍ୱଳ୍ପ ପରିମାଣରେ ଜଳସେଚନର ଆବଶ୍ୟକତା ପଡିଥାଏ। ଚଳିତ ବର୍ଷ ବାଲିଆପାଳ ବ୍ଲକର କୁମ୍ଭାରୀ, ନିଖିରା, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା। ସେହିପରି ସମୁଦ୍ର ଉପକୂଳ ବଡାଶ, ଡଗରା, ଚଉମୁଖ, ବେତଗଡିଆ, ନୂଆଗାଁ, ରତାଇ, ଅଳାଡିହା, ପଞ୍ଚୁପାଲି, ଜମ୍ବୀରାଇ ପଞ୍ଚାୟତରେଚିନାବାଦାମ ଚାଷ ହେବ ବୋଲି ଆକଳନ କରାଯାଇଛି। ବାଲିଆପାଳ କୃଷି ଅଧିକାରୀ ଶ୍ରଦ୍ଧା ହୋତାଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# 'ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦିଅ'

**ଘସିପୁରା, ୨୯।୧୨(ଡି.ଏନ.ଏ.)**

ଆନନ୍ଦପୁର ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ଶନିବାର ଏକ ବୈଠକ ହୋଇଥିଲା। ଏହି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବାକୁ ସେମାନେ ଦାବି କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘର ସଭାପତି ରାମଚନ୍ଦ୍ର ସୁର ଓ ସମ୍ପାଦକ ବିଚିତ୍ର କୁମାର ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ନାୟକ, ଅଧ୍ୟାପକ ଉମାକାନ୍ତ ନାୟକ, ଓକିଲ ସଂଘର ସଭାପତି ସଞ୍ଜୟ ମିଶ୍ର, ପୁରାତନ ଛାତ୍ର ସଂଘର ଉପସଭାପତି ଦୁର୍ଗାଚରଣ ଦଳେଇ, କୋଷାଧ୍ୟକ୍ଷ ନିରାକାର ଦଳେଇ, ସହସମ୍ପାଦକ ଜ୍ୟୋତିରଞ୍ଜନ ଜେନା, ଯଜ୍ଞ ପ୍ରସାଦ ସାହୁ, ସଦସ୍ୟ ସୁଶିଲ ହୋତା, ହରେକୃଷ୍ଣ ପାତ୍ର, ଟୁକୁନା ମହାନ୍ତ, ବ୍ରଜ ଓଝା ପ୍ରମୁଖ ଯୋଗ ଦେଇଥିଲେ।

ଫେବୃୟାରୀ ୩ରେ ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଇଁ ସମୟ ଧାର୍ଯ୍ୟ ହୋଇଛି। ଆନନ୍ଦପୁରକୁ ଜିଲା ମାନ୍ୟତା ନେଇ ସରକାରଙ୍କଠାରେ ଦାବି କରାଯିବାର ନିଷ୍ପତ୍ତି ନିଆଯାଇଛି। ମହାବିଦ୍ୟାଳୟର ପୁରାତନ ଛାତ୍ର ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଭାପତି ଅନୁରୋଧ କରିଥିଲେ। ଜାନୁଆରୀ ୧୫ରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିଲା।


ବୈଠକରେ ଯୋଗ ଦେଇଥିବା ପୁରାତନ ଛାତ୍ର।

## ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ଔପଦା,୨୯।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦରସ୍ଥ ଦରଖୋଳି ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ କୃଷକ ସମ୍ପର୍କମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଯୋଗଦେଇଥିଲେ। ବିଧାୟକ କୃଷି ସଂକ୍ରାନ୍ତୀୟ ନବୀନ ସରକାରଙ୍କ ସମସ୍ତ ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଆନ୍ତରିକ ପ୍ରୟାସ ଓ ଉଦ୍ୟମ ଲୋଡ଼ା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଓ ଏମ୍‌ପିଙ୍କ ପ୍ରତିନିଧି ଅଶୋକ ପ୍ରଧାନ, ସରପଞ୍ଚ ମଧୁସୂଦନ ମଲ୍ଲିକ, ଉଦୟ ସ, ସମିତିସଭ୍ୟା ପଦ୍ମାବତୀ ପରିଡ଼ା, ଜିଲାପରିଷଦ ସଦସ୍ୟା ସୁବାସିନୀ ବିଶ୍ୱାଳ କୃଷି ସମ୍ପର୍କ ମେଳା ବିଷୟରେ କହିଥିଲେ। ସହକାରୀ କୃଷି ଉପ-ନିର୍ଦ୍ଦେଶକ ହରିହର ନାୟକ, କୈଳାଶ ପରିଡ଼ା, ଶସ୍ୟ ସଂରକ୍ଷଣ ଅଧିକାରୀ ଜୟନ୍ତ ରାଉତ, ମାନସ ରଣା, ଜିଲା କୃଷି ଯାନ୍ତ୍ରିକ ସରଞ୍ଜାମ ଅଧିକାରୀ ପିତାମ୍ବର ଦାସ, କ୍ଷେତ୍ର ବିଶେଷଜ୍ଞ ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଶହସ୍ରାଧିକ କୃଷକମାନଙ୍କୁ ବିଭିନ୍ନ ବିଭାଗୀୟ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

■ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

## ୟୁ ଆଣ୍ଡ ମି ଦଳ ବିଜୟୀ

**ହାଟଡିହୀ, ୨୯।୧୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଟୁକୁଣା ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ୟୁ ଆଣ୍ଡ ମି ବାଲେଶ୍ୱର ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୟୁ ଆଣ୍ଡ ମି ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୯ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହାର ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କଟକ ୨୧.୧ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୫୮ ରନ୍ ସଂଗ୍ରହ କରିଥିଲା। ଆନନ୍ଦପୁର ବିଧାୟକ ମାୟାଧର ଯେନା, ସାଶଙ୍ଗ ସରପଞ୍ଚ ବିମ୍ବାଧର ବିଶ୍ୱାଳ, ଅଭିନେତ୍ରୀ ଲିପ୍ସା ମିଶ୍ର, ରଣଜିଟ୍ରଫି ଖେଳାଳି ବିବିସିସି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅମ୍ପାୟାର୍ ଭାବେ ପଦ୍ମନାଭ ସାମଲ, ଶାନ୍ତନୁ ରାଉତ ଓ ବିଜୟ ଜେନା, ଭାଷ୍ୟକାର ଭାବେ ସୁଧାଂଶୁ ଶେଖର ମହାନ୍ତି, ସୁକାନ୍ତ ବେହେରା ଏବଂ ସ୍କୋରର୍ ଭାବେ ଜ୍ୟୋତିରଞ୍ଜନ ଜେନା, ଦେବାଶିଷ ଧଳ. ଜଗନ୍ନାଥ ଧଳ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ପ୍ରଭାତୀଲତା ସୁତାର, ପ୍ରମିଳା ଜେନା, ବିଦ୍ୟାଧର ସାହା ଉପସ୍ଥିତ ଥିଲେ। ସମ୍ବିତ୍ ଧଳ, ସୁଧାଂଶୁ ବିଶ୍ୱାଳ, ପ୍ରଶାନ୍ତ ଜେନା, ଜଗନ୍ନାଥ ଧଳ, ବାଦଲ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ।


ଆୟୋଜିତ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥି।

## କଲ୍ୟାଣ ମଣ୍ଡପ ନିର୍ମାଣରେ ଅନିୟମିତତା

**ଜଳେଶ୍ୱର,୨୯।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପରିଷଦର ନିଜସ୍ୱ ତରଫରୁ ୪୫ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟ ଅଟକଳରେ ବହୁ ପ୍ରତିକ୍ଷିତ ଏକ କଲ୍ୟାଣମଣ୍ଡପ ନିର୍ମାଣକାର୍ଯ୍ୟ ଚାଲୁରହିଛି। ମାତ୍ର ଅଫିସ ପରିସର ମଧ୍ୟରେ ନିର୍ମାଣାଧୀନ ଉକ୍ତ କଲ୍ୟାଣ ମଣ୍ଡପର ନିର୍ମାଣକାର୍ଯ୍ୟରେ ଅନିୟମିତତା ହୋଇଛି। ପୌର ପରିଷଦର ଯନ୍ତ୍ରୀ ଓ କର୍ମଚାରୀ ମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଉକ୍ତ ନିର୍ମାଣକାର୍ଯ୍ୟର କାର୍ଯ୍ୟାଦେଶ ଠିକା ନେଇଥିବା ଠିକାଦାର ଜଣଙ୍କ ଟେଣ୍ଡର ପେପର ଏଗ୍ରିମେଣ୍ଟ୍ ତଥା ଏଷ୍ଟିମେଟ୍ ଅନୁଯାୟୀ ନିର୍ମାଣକାର୍ଯ୍ୟ ରେଳ ସେଲ୍(ଏସଏଆଇଏଲ) କିମ୍ବା ଟାଟା ଟିସ୍‌କନ୍‌ର ଲୁହାଛଡ଼ ଓ କୋଣାର୍କ କିମ୍ବା ଅଲଟ୍ରାଟେକ୍ ସିମେଣ୍ଟ ବ୍ୟବହାର ନ କରି ନିମ୍ନମାନର ଲୁହାଛଡ଼ ଓ ସିମେଣ୍ଟ ବ୍ୟବହାର କରି ମାଲେମାଲ ହେଉଛନ୍ତି ବୋଲି ଅଭିଯୋଗ ଉଠିଛି। ଫଳରେ ଠିକାଦାର ପ୍ରତି କୁଇଣ୍ଟାଲ ପିଛା ୧୫୦୦ ଟଙ୍କା ଫାଇଦା ପାଉଛନ୍ତି। ଏତଦ୍‌ବ୍ୟତୀତ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯିବା ଫଳରେ ପ୍ରତି ବ୍ୟାଗ୍ ପ୍ରତି ୪୦ରୁ ୫୦ଟଙ୍କା ଠିକାଦାର ଫାଇଦା ଉଠାଉଛନ୍ତି। ଏହିଭଳି ନିମ୍ନମାନର କାର୍ଯ୍ୟ କରି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର୍ ଦ୍ୱୟ ଚଳୁ କରିବାର ମସୁଧା ଚଳାଇଥିବା ପ୍ରତ୍ୟକ୍ଷ କାର୍ଯ୍ୟରୁ ଜଣାପଡ଼ିଛି। ତୁରନ୍ତ ଉକ୍ତ ନିର୍ମାଣକାର୍ଯ୍ୟକୁ ବନ୍ଦ କରି ସତ୍ୟାସତ୍ୟ ଯାଞ୍ଚ କରିବା ସହ ଚଞ୍ଚକତା ତଥା ହରିଲୁଟ୍‌ରେ ସାମିଲଥିବା ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହୋଇଛି। ଏହାସହିତ ଠିକାଦାରଙ୍କ ଲାଇସେନ୍ସକୁ କଳାତାଲିକା ଭୁକ୍ତ କରିବାପାଇଁ ମଧ୍ୟ ଦାବି ହୋଇଛି। ଏ ସମ୍ପର୍କରେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଧାରୀ ବାରିକଙ୍କୁ ଯୋଗାଯୋଗ କରିବାରୁ ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣକାର୍ଯ୍ୟରେ ଯଦି ଏହିଭଳି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥାଏ ତେବେ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ପରକୀୟା ପ୍ରୀତି ପାଇଁ ସ୍ତ୍ରୀଙ୍କୁ ମାଡ଼

### ସ୍ୱାମୀଙ୍କ ସମେତ ମହିଳା ଗିରଫ

**ତିହିଡ଼ି, ୨୯।୧୨ (ଡି.ଏନ.ଏ.)**

ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରି ସ୍ତ୍ରୀ ଆକ୍ରମଣର ଶିକାର ହେବା ପରି ଘଟଣା ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୋହ୍ଲ ଗ୍ରାମରେ ଘଟିଛି। ନିର୍ଯାତନାର ଶିକାର ହୋଇଥିବା ରାଜେନ୍ଦ୍ର ସାହୁଙ୍କ ସ୍ତ୍ରୀ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୪୧୪/୧୮) ରୁଜୁ କରି ଶନିବାର ରାଜେନ୍ଦ୍ର ଓ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ରାଜେନ୍ଦ୍ରଙ୍କର ଦୀର୍ଘ ଦିନ ହେବ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିଲା। ୧୫ ଦିନ ପୂର୍ବେ ରାଜେନ୍ଦ୍ର ଉକ୍ତ ମହିଳାଙ୍କୁ ତାଙ୍କ ଘରକୁ ଆଣିଥିଲେ। ଏହାକୁ ତାଙ୍କ ସ୍ତ୍ରୀ ଘୋର ବିରୋଧ କରିଥିଲେ। ଏହାକୁ ନେଇ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ରାଜେନ୍ଦ୍ର ଗୁରୁବାର ରୀନାଙ୍କୁ ମାଡ଼ ମାରିଥିଲେ। ରୀନା ଏନେଇ ତିହିଡ଼ି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଟ୍ରକ ଲୁଟେରା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ

**ଭଦ୍ରକ ଅଫିସ, ୨୯।୧୨**

ଭଦ୍ରକ ଟାଉନ ଥାନା ପୋଲିସ ଶନିବାର ଏକ ଟ୍ରକ ଓ ହାଇୱା ଲୁଟେରା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗ କିଭଳି ବିଭିନ୍ନ ସ୍ଥାନରୁ ଟ୍ରକ ଓ ହାଇୱା ଚୋରି କରି କଲିକତାରେ ବିକ୍ରି କରୁଥିଲେ ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜାଲି ଖବରଦାତା ସମ୍ମିଳନୀ ମାଧ୍ୟମରେ ସେ ସମ୍ପର୍କରେ ସୂଚନା ଦେଇଛନ୍ତି। ଉକ୍ତ ଚୋରି ଟ୍ରକକୁ ନିର୍ଦ୍ଦିଷ୍ଟ ଜଣେ ବ୍ୟବସାୟୀ କିଣି ଟ୍ରକ ଓ ହାଇୱାର ବଡି ପାର୍ଟ ପରିବର୍ତ୍ତନ କରି କିଭଳି ଟ୍ୟାଙ୍କର କରି ବିକ୍ରି କରୁଥିଲେ ସେ ସମ୍ପର୍କରେ ସୂଚନା ରଖାଯାଇଥିଲା। ଶୁକ୍ରବାର ରାତିରେ ଭଦ୍ରକ ଷ୍ଟେଶନ ନିକଟରୁ ଏହି ଗ୍ୟାଙ୍ଗଠାରୁ ଟ୍ରକ କିଣୁଥିବା ଝାଡ଼ଖଣ୍ଡ ଅଞ୍ଚଳର ମହମ୍ମଦ ଆକବର ସାଦିକ୍(୫୦)ଙ୍କୁ ପୋଲିସ ଗିରଫ କରିଛି। ସାଦିକ୍ କଲିକତାରେ ରହି ଏହି ଗ୍ୟାଙ୍ଗଠାରୁ ଲୁଟ ଟ୍ରକ କିଣୁଥିଲେ ବୋଲି ପୋଲିସ କହିଛି।

ଉଲ୍ଲେଖନୀୟ ଯେ, ଗତ ଏପ୍ରିଲ ୧୨ ତାରିଖ ରାତିରେ ଗ୍ରାମାଞ୍ଚଳ ଥାନା ଅଧୀନ ରାନ୍ଦିଆ ଛକରୁ ୧୨ ଚକିଆ, ମେ ୨୯ ରାତିରେ ଭଦ୍ରକ ଟାଉନ ଥାନା ଅଞ୍ଚଳ ଚାରିଘରିଆ ନିକଟରୁ ଏକ ୧୦ ଚକିଆ ଓ ୩୦ ତାରିଖ ରାତିରେ ଏହି ଥାନା ଅଧୀନ ଡାହାଣିଗଡିଆ ଛକରୁ ଅନ୍ୟ ଏକ ୧୦ ଚକିଆ ଟ୍ରକ ଚୋରି ହୋଇଥିଲା। ଏ ନେଇ ପୃଥକ୍ ମାମଲା ରୁଜୁ କରି ପୋଲିସ ତନାଘନା ଚଳାଇଥିଲା। ଜୁନ୍ ୬ରେ ପାଣିକୋଇଲି ନିକଟରୁ ଅନ୍ୟ ଏକ ଟ୍ରକ ଚୋରି କରୁଥିବା ସମୟରେ ଭଦ୍ରକ ଗୋପବନ୍ଧୁ ନଗରର ଉମାକାନ୍ତ ମଲିକ ପୋଲିସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଉମାକାନ୍ତଙ୍କ ବୟାନକୁ ଭିତ୍ତିକରି ଟାଉନ ଥାନା ପୋଲିସ ଲୁଟେରା ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟ ୩ ଜଣଙ୍କୁ ବିଭିନ୍ନ ସମୟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ଟ୍ରକଗୁଡ଼ିକ ଚୋରି କରି କଲିକତାରେ ମହମ୍ମଦ ଆକବର ସାଦିକ୍‌ଙ୍କୁ ବିକ୍ରି କରୁଥିଲେ। ସାଦିକ୍ ଶୁକ୍ରବାର ସନ୍ଧ୍ୟାରେ ଚରମ୍ପା ଅଞ୍ଚଳକୁ ଆସିଥିବା ମୋବାଇଲ ଟ୍ରାକିଂରୁ ଜାଣିପାରି ପୋଲିସ ତାଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ରିମାଣ୍ଡରେ ଆଣି ୩ଟି ଲୁଟ୍ ଟ୍ରକ ଉଦ୍ଧାର କରାଯିବ ବୋଲି ପୋଲିସ ସୂଚନା ଦେଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ